ହୃଦାନନ୍ଦ ପାଣିଗ୍ରାହୀ

ନଷ୍ଟପାଦ

ହୃଦାନନ୍ଦ ପାଣିଗ୍ରାହୀଙ୍କ 'ନଷ୍ଟପାଦ' ॥ ପ୍ରକାଶକ : ମହାନଦୀ ବୁକ୍ସ୍, ଭୁବନେଶ୍ୱର ॥ ୧୯୯୪ ॥

ମହାନଦୀ ବୁକ୍ସ୍

Digitized by srujanika@gmail.com

ନଷ୍ଟପାପ

ସୁଦାନଂଦ ପାଣିଗ୍ରାହୀ

ମହାନଦୀ ବୁକ୍‌ସ୍‌ : ଭୁବନେଶ୍ୱର
୧୯୯୪

Digitized by srujanika@gmail.com

ଉତ୍ସର୍ଗ :

ଏ ପାରର ମା'
ଓ
ସେପାରର ବାପାଙ୍କୁ
—ହୃଦାନଂଦ ॥

ନଷ୍ଟପାଦ ॥ କବିତା ସଂକଳନ ॥ କବି : ହୃଦାନଂଦ ପାଣିଗ୍ରାହୀ, ମୁଖ୍ୟ ଅଧ୍ୟାପକ, ଓଡ଼ିଆ ବିଭାଗ, ବି. ଏନ୍. ଏମ୍. ଏ. କଲେଜ, ପାଲିଆବିଂଧା (ଭଦ୍ରକ) ॥ ପ୍ରକାଶକ : ସୁରେନ୍ଦ୍ର ନାଥ ଜଗଦେବ, ମହାନଦୀ ବୁକ୍ସ୍, ମୂଲ୍ୟାୟନ ବିହାର, ଏମ୍.ଏ. ୫୨ ସାମ୍ନା, ଜି. ଜି. ପି. କଲୋନୀ, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦ ॥ ପ୍ରଥମ ସଂସ୍କରଣ : ସେପ୍ଟେମ୍ବର ୧୯୯୪ ॥ ମୁଦ୍ରଣ : ଆଦିତ୍ୟ ପ୍ରିଣ୍ଟର୍ସ, ଅଲିଶା ବଜାର, କଟକ-୭୫୩୦୦୨ । ପ୍ରାପ୍ତିସ୍ଥାନ : ଅଗ୍ରଦୂତ, ବାଂକାବଜାର, କଟକ-୭୫୩୦୦୨ ।

NASTAPADA : A Volume of Poems in Oriya written by **Hrudananda Panigrahi**, and published by Surendra Nath Jagadeb, **Mahanadi Books**, Mulyayana Vihar, M. A. 52 Front, G. G. P. Colony, Rasulgarh, Bhubaneswar-751010. **First Edition : September-1994.**

ମୂଲ୍ୟ : ସାଦା ବନ୍ଧେଇ—କୋଡ଼ିଏ ଟଙ୍କା ॥ ବୋର୍ଡ଼ ବନ୍ଧେଇ—ତିରିଶ ଟଙ୍କା ॥

Price:Paperback : Rs 20-00. HardCover : Rs.30-00

ପ୍ରଚ୍ଛଦ ଅଂକନ :
ଡଃ. ପ୍ରଫୁଲ୍ଲ ସୁନ୍ଦର

Digitized by srujanika@gmail.com

କବିତା-କ୍ରମ :

ଅସମସ୍ତ/୫

ଯୁଦ୍ଧ/୭

ଶୋଷ/୯

ସମ୍ବର/୧୧

ଥ୍ୱଂଟା ଗଛ/୧୨

କବି/୧୩

ସାର୍/୧୬

ଶୋଭାଯାତ୍ରା/୧୮

କାଶ୍ମୀର/୧୯

କେଂଦୁଝର/୨୦

ଭକାସ୍ୱ/୨୨

ଝଳ ଦୁଃଖଟେଲ୍ ଝଳେ/୨୪

ବୁଢ଼ାଟେଲନ/୨୬

ମାନଚିତ୍ର/୨୮

ନାଟକର ବିଭିନ୍ନ ଦୃଶ୍ୟରେ/୩୧

ନକ୍ସା/୩୩

କେଂଦରା/୩୪

ଗାଈ/୩୫

ଅଗ୍ନିସ୍ନାନ/୩୭

ପଂଜାବ/୪୦

ଚୁପ୍ ଚୁପ୍ କବିଟିଏ/୪୩

ସମୁଦ୍ରକୁ/୪୪

କୋଇଲି/୪୫

Digitized by srujanika@gmail.com

ମୁଖବଂଧ :

ଜଳଯାଉଥିବା ମାଟି ଓ ବର୍ଷାର ଆକାଶ

ବିବର୍ଣ୍ଣ ପୃଥିବୀକୁ ଫେରାଇଦିଅ ତା'ର ସବୁ ଐଶ୍ୱର୍ଯ୍ୟ । ବିଦଗ୍ଧ କବିତାକୁ ଫେରାଇ ଦିଅ ଛଂଦ, ତା'ର ଲାଳିତ୍ୟ, ତା'ର ସୌଂଦର୍ଯ୍ୟ । ବଂଚିତ ପୃଥିବୀକୁ ଫେରାଇଦିଅ ତାର ମଧୁର ସଙ୍ଗୀତ । ଆମେ ଅପେକ୍ଷମାଣ । ଅନେକ ଦିନ ହେଲା । ଆମର ନିଃସ୍ୱପ୍ନ ଆଖି ଅଶ୍ରୁ ଜରଜର । କୁଆଡ଼େ ଗଲା ଆମ ଆଶା ଭାଷାର ଅକପଟ ଉଚ୍ଛ୍ୱାସ ? ଏବେ ଅନେକ ବିଷାଦ, ଅନେକ କ୍ଷୋଭ ଆମ ଜୀବନରେ । ଆମେ ସବୁ ଜଳୁଚେ ହତାଶାରେ ।

ଗୋଟେ ଅପ୍ରେମ ପୃଥିବୀରେ ଖାଲି ବର୍ଷା ବର୍ଷା ବୋଲି ଚିତ୍କାର କରୁଚେ ।

ଏଇ ଦେଖ, ବର୍ଷାର ଆକାଶଟିଏ ନଇଁ ଆସୁଚି, ଆମ ଉପରେ କଡ଼ାକୁ ।
ଶହର ଚଢ଼େଇଙ୍କ କିଚିରି ମିଚିରି ।

ଆକାଶ ବିସ୍ତୃତ ଦେବ ଧୂପର ବାସ୍ନା ।
ଅସରା ଅଝଟ ବର୍ଷା ହୋଇ ବର୍ଷିଯିବ ସ୍ନେହ, ଅନୁରାଗ ।

କାଲିକୁ ପୃଥିବୀ ଉପରେ ଶୁଭ୍ର ହସଟିଏ ଉଜଳି ଉଠିବ ।

—ହୃଦାନଂଦ ପାଣିଗ୍ରାହୀ ॥

ଏଇ ଲେଖକଙ୍କର ଅନ୍ୟାନ୍ୟ ରଚନା :

୧ । "ଅନନ୍ତ ପ୍ରେମର ଗୀତ" (କବିତା-ସଂକଳନ)—୧୯୯୦.
୨ । "ଲୁହର ଫୋପାଏ ଜହ୍ନ" (କବିତା-ଗ୍ରଂଥ)—୧୯୯୧

Digitized by srujanika@gmail.com

ଅସମୟ

ପୃଥିବୀରେ ଆଉ କ'ଣ ଅଛି
କେବଳ ଛଳନାର ଅମ୍ଳାନ ଛଟା
କେବଳ କୃତ୍ରିମ ବୃକ୍ଷର ମନ
ପ୍ଲାଷ୍ଟିକ୍ ଫୁଲର ବାସ୍ନା
ଚିମିନିର ଧୂଆଁ ।

ଯୁଗଅଡ଼େ, ମୃଗତୃଷ୍ଣା, ବିଷାକ୍ତ ସାପର ଫଣା
ସ୍ନେହର ଦୁର୍ଭିକ୍ଷ
ଟଛ କଣ୍ଠାର କରୁଣ ଶବ୍ଦରେ ଭରି
ମଣିଷର ଜୀବନ ଆକାଶ ।

ଶୁଖିଯାଉଛି ହୃଦୟରୁ ମନ୍ତ୍ର ଓ ମନର ସରାଗ
ଛିଡ଼ିଯାଉଛି ବନ୍ଧୁତାର ସ୍ନେହ ପ୍ରୀତି
ସଂପର୍କର ଡୋର
ଯୁଆଡ଼େ ଚାହିଁ ଦେଖିବ ଖାଲି ଷଡ଼ଯନ୍ତ୍ର
ଯୁଆଡ଼େ ଚାହିଁ ଉତ୍କଟ କ୍ରୋଧରେ ଜଳୁଅଛି
ମଣିଷର କରୁଣ ଐଶ୍ୱର୍ଯ୍ୟ
ଜଳୁଅଛି କୋଠାବାଡ଼ି, ସକଳ ବଣିକ ଅଖି
ଜଳୁଅଛି ଧୂସର ପୃଥିବୀ
ଜଳୁଅଛି ଧଜାପନ, ପ୍ରତିଶ୍ରୁତି, ନିଦ୍ରାହୀନ ରାତି

ଯୁଆଡ଼େ ଚାହିଁଲେ ଖାଲି ଧର୍ମଘଟ, ହଗଲୁଟ୍
ହୁଂକାର ଓ ରେ-ରେ-କାର, ଯୁଦ୍ଧ ଓ ବିବାଦ
ଯୁଆଡ଼େ ଚାହିଁଲେ ଗୁଳି କିଂବା ଖୁନ୍
ଅସ୍ତ୍ରହତ୍ୟା, କୁମ୍ଭୀରକ୍ରନ୍ଦନ, ଷଂଢ଼ଆ ଖାବର୍ ଦେହ
ରକ୍ତ ନଈ ସୁଅ
ଯୁଆଡ଼େ ଚାହିଁଲେ ଦଳଦଳ କ୍ଷୁଧାର୍ତ୍ତ ମଣିଷ
ଅସହାୟ ମଣିଷଙ୍କ ବଦାସୀ ବିଶ୍ୱାସ ଏବଂ
ଭୋ ଭୋ କାନ୍ଦିବାର ଦୃଶ୍ୟ ।

ଯୁଆଡ଼େ ଚାହିଁ, ଧର୍ମ ସର୍ମ ବିବ୍ରତ ଇଂଜିନ୍
ଯୁଆଡ଼େ ଚାହିଁ ମଣିଷର ଦୁଃସ୍ୱପ୍ନ ଗୁହାଣି

ନଷ୍ଟପାଦ/୫

Digitized by srujanika@gmail.com

ଶବର କରୁଣ ଦୃଷ୍ଟି, ସ୍ୱେଦବିନ୍ଦୁ, ଟଳମଳ ଲୁହ
ସଂବେଦନର ଝାଳ ପୋଷ୍ଟ, ମ୍ରିୟମାଣ ଦେହ ଆଉ ଆତ୍ମା
କି ସକାଳ, କି ଖରାବେଳ ସବୁ ଦଶେ ଏକାପରି
କାନ୍ଦ କାନ୍ଦ ଲାଗେ ସବୁ ନଦୀ ସ୍ରୋତ
ଉପରେ ପାଂଶୁର ଜହ୍ନ; ତଳେ ରକ୍ତ ନଦୀର ଦର୍ପଣ
ଜଳିଯାଉଛି ସୂର୍ଯ୍ୟର ଆକାଶ ଓ ପୋଡ଼ିଯାଉଛି ମାଟିର ଶେଯ,
ପୃଥିବୀର ଧ୍ୱଂସ ପାଇଁ ଆକାଶ ଗୁଢରେ ମାରଣାସ୍ତ୍ର, କ୍ଷେପଣାସ୍ତ୍ର
ଦେବତାର ଜଡ଼ ବୁଡ଼ ରକ୍ତପାଦ
ଆଁ କରି ଝପଟି ଆସେ ଦୁର୍ଦ୍ଦାନ୍ତ ଅନ୍ଧାର
ବିଯୋଗାନ୍ତ ପୃଥିବୀରେ ପ୍ରସ୍ଫୁଟିତ ସଙ୍ଗୀତଟେ କାହିଁ ଆଉ
ଗଛର ପତ୍ରହୀନ ଶୁଖିଲା ଡାଳର ବଂଶୀ ସ୍ୱରହୀନ
ଜଳି ପୋଡ଼ି ଯାଇଥିବା ଜହ୍ନ ଗ୍ରହଟିଏ ପରି ଭୀଷଣ ନିର୍ଜନ
ସବୁ ମଣିଷର ହାଡ଼ ମାଂସ ତଳେ ଗୋଟେ ଦୀର୍ଘ ଅବଶୋଷ
ଛଟପଟ ପକ୍ଷୀଟିର ବାହୁନି କାନ୍ଦିବା ପରି ଲୁହ ଦୀର୍ଘଶ୍ୱାସ ।

ଓଃ ବଞ୍ଚିବା କି କଷ୍ଟକର
ଯେଉଁ ଏକ କୃଷ୍ଣକାୟ ଶୋଷଣ ହାତରେ
କେବେଠୁ ତ ଯାଇଅଛୁ ଲୁଟି ହୋଇ
ମଣିଷର ସ୍ନେହ ପ୍ରେମ, ଆଶା ଆଉ ବିଶ୍ୱାସର ଅମୃତ ଟିକକ
କେବେଠୁ ଯାଇଛି ଲିଭି
ଅଖିଳ ବୈକୁଣ୍ଠ ଘରୁ ମଣିଷର ସୁନ୍ଦର ବିଶ୍ୱାସ ।

ଏତେ ବେଶି ଦୁଃଖ ଓ ଯନ୍ତ୍ରଣାରେ
ଆଉ ବଞ୍ଚି ହେଉନାହିଁ
ଆଉ କିଛି ଭାବି ହେଉନାହିଁ
କାନ୍ଦି ହେଉନାହିଁ କି ହସି ହେଉନାହିଁ । ☐☐

Digitized by srujanika@gmail.com

ଯୁଦ୍ଧ

ଅଂଧାରରେ ଶୁଭେ ଏଠି
କାହାର କରୁଣ ଗୀତ
ଝରିଆସେ କାହାର ଉଜ୍ଜ୍ୱଳ ଲୁହ
କଲମରୁ ରକ୍ତ,
ଲୁହଝରି ରକ୍ତଝରି
ଭିଜିଯାଏ ମାଟିର ପଣତ ।

ପବନ ବିଷାକ୍ତ ଏଠି
ଅଗ୍ନିଶସ୍ତ୍ର ଅଶ୍ରୁଝରା କଳାରାତି
ଶ୍ୱାସରୁଦ୍ଧକ ପଚ୍ଚଗଂଧ ଝାଳ ଓ ରକ୍ତର
ନଦନଦୀ ଶୁଷ୍କ ସବୁ :
ସ୍ନେହ ଓ ପ୍ରୀତିର
ଚକ୍‌ଚକ୍ ହଂସ ଚଞ୍ଚୁ ଅଂଧାରର
ପବନରେ ଧର୍ଷ ଝରିବାର ଧ୍ୱନି
ଲାଗେ ଖାଲି ଅଧୀର ଅଧୀର
କାଂଦି କାଂଦି ଅସହ୍ୟ ଶୋକାର୍ତ୍ତ ଗୀତ
ଖାବର ସମୁଦ୍ର ।

ଏଠି ପକ୍ଷୀର ଆଖିରେ କିଏ
ଭରି ଦେଇଛି ଆତଂକ
ଝରଣା ଓଠରେ କିଏ ଲେଖି ଦେଇଛି
କରୁଣ ସଂଗୀତ
ବାରୁଦ ଗଂଧରେ କିଏ ଭରି ଦେଇଛି
ଆକାଶ ବତାସ
ନକ୍ଷତ୍ର ଆଖିରୁ ଖାଲି
ଲୁହ ଝରିବାର ଶବ୍ଦ
ଭରିଛି ଲୁହର ଆଖି, କୋହର ଆକାଶ ।

ଶୁଭୁଛି ସବୁଠି ଗୋଟେ
କରୁଣ ହତାଶ ସ୍ୱର
ଏକାକାର ଝାଳ, ଲୁହ, ରକ୍ତ ଦୀର୍ଘଶ୍ୱାସ ।

Digitized by srujanika@gmail.com

ଶୁଭୁଅଛୁ କାହାର ଏ ନାଲି ଟହ ଟହ ହସ
ପାଶବିକ ଅହଂକାରର ପ୍ରଦର୍ଶିକା
ଆତଙ୍କର କର୍କଶ ହାତରେ ମୁଠେ
ଦ୍ରୌପଦୀ କେଶ
ହାସ୍ୟରେ ମଣିଷ
ଏଇମାତ୍ର ସୂଚ୍ୟଗ୍ର ମେଦିନୀ ପାଇଁ କଳିଗୋଳ
ବିକଳାଙ୍ଗ ହାତଗୋଡ଼, ଜର୍ଜରିତ ଶୂନ୍ୟ ଆଖି
ଉଚ୍ଛ୍ୱସିତ କ୍ଳାନ୍ତ ଓ ସନ୍ତାପ
ବହୁତ ରକ୍ତର ନଦୀ, ଅଶ୍ରୁଳ ସଙ୍ଗୀତ
ବାଳ ମୁକୁଳେଇ କାନ୍ଦେ ଶୋକର ବତାସ
କେତେ କ୍ଷୋଭ କେତେ ଦୃଶ୍ୟ
କେତେ ଯେ ସଂଘର୍ଷ ଏଠି
ଜୀବନ ଲାଗଇ ଯେସନ୍ତେ
କୁରୁକ୍ଷେତ୍ର ସଂଗ୍ରାମର ସମ୍ମୋହିତ ଅଂଶ ପରି
ଅସ୍ତବ୍ୟସ୍ତ ଅକ୍ଷୌହିଣୀର କରୁଣ ଭଗ୍ନାଂଶ ।

ଦେଖ ଦେଖ ମୁନିଜନେ
ତ୍ରିଗୁଣ ରଜ୍ଜୁରେ ବନ୍ଧା ଏକ ବିଚିତ୍ର ବୃଷଭ
ତିନିପାଦ ଦୁଇଗୋଟି ଶିଂଗ
ଓ ସାତଗୋଟି ହାତ ତାର
ଗର୍ଜୁଅଛୁ ଅହର୍ନିଶ
ଚତୁର୍ଦ୍ଦିଗ ନିଃସ୍ୱନିଃସ୍ୱ ବିବର୍ଣ୍ଣ କକଣ
ଲୁହରେ ଅନ୍ଧ ବିବେକ
ହତାଶ ପବନ ପରି ଚୁପ୍‌ଚୁପ୍
ଆଉର କରୁଣ ଦୃଶ୍ୟ
ପଞ୍ଜୁରିଡ଼ା ଶୁଖିଲା ନିଃଶ୍ୱାସ । □□

Digitized by srujanika@gmail.com

ଶୋଷ

ଲଂଘିଅଛୁ ହୃତସ୍ୱର୍ଗ ଶୂନ୍ୟପଥ
ଲଂଘିଛୁ ଆକାଶ
ଲଂଘିଛୁ ଲୁଂବଜୀବନ ହାହାକାର
ଲୁହର ମୂର୍ଚ୍ଛନା
ଖସିଯାଏ ଆକାଶରେ କୃପଣ ମେଘର ଗୁଚ୍ଛ
ଦାରୁଣ ଶୂନ୍ୟତା
ସରେ ନାହିଁ ଆତୁରତା, ଆକୁଳତା
ଅପେକ୍ଷାର ଅପସ୍ୱପ୍ନ, ଅଧୀର କଂପନ
ଅଶ୍ରୁର ଅଙ୍କିତ ବାସରେ ଖାଲି
ଅଂଗାରରେ ଲେଖାଥିବା ଅବଶୋଷ
ଅମାନିଆ ଅଳସ ଲୁହର ଲେଉ
ଅଚିହ୍ନା ଅସରାପଥ, ଆକୁଳ ମଧ୍ୟାହ୍ନ ।

ଶୁଖିଲା ଗ୍ରୀଷ୍ମରେ ଖାଲି ଦୀର୍ଘଶ୍ୱାସ
ଭଂଗାଭଂଗା କରୁଣ ଆଓ୍ୱାଜ୍
ଝିଂକାରର ଝିଁ ଝିଁ, ନଗ୍ନଟିଆ ଖସବେଲ
ଭଂଗାଗ୍ରୀଷ୍ମ, ବିଫଳ ନିଶ୍ୱାସ
ଆକାଶକୁ ମୋଡ଼ି ମୋଡ଼ି ହୋଇଉଠେ
ବିକଳ ବିବର୍ଣ୍ଣ ପରି ଧୂଆଁ ଧୂଆଁ ପୋଡ଼ା ରଂଗ
ପବନରେ ଉଡ଼ିଯାଏ ଶୁଖିଲା ପତ୍ରର ସମ
କବିତାର କାତର ଅସ୍ତିତ୍ୱ ।

ପବନର ଅଭିସଂପାତରେ ଥରିଯାଏ ବଂଧା ମାଟି
ମଲା ଘାସ, ଶୁଖିଲା କାଗଜ
ସରେନାହିଁ କଣିକାଲେ କଂଟକିତ କଂଠରୁ
ଧକଧକ ଶୋଷର ସ୍ପଂଦନ
ରେ ବାଇମନ
ଶେଷହୁଏ ନାହିଁ କେବେ ଦାରୁଣ ଶୋଷଗଳ୍ପର
କରୁଣ ବୃତ୍ତାଂତ ।

କାହିଁରେ ସାଂତ୍ୱନା କବି
ଗ୍ରୀଷ୍ମ ଛତରଟା ବଡ଼ ଫାଂକା ଫାଂକା
ନିରଂକୁଶ ସଂଛିକ୍ଷ ବୈଶାଖ ପରି, ଥୁଂଟା ଜଗନ୍ନାଥ

ନକ୍ଷପାଦ/୯

Digitized by srujanika@gmail.com

ଜଳପୋଡ଼ି ଯାଉଥିବା ମଣିଷର
ରଣବଣ କରୁଣ ଅପେକ୍ଷା ଖାଲି
ଲାଂଛିତ ଇଲାକା ପରି ନିସ୍ତୁଟିଆ ମନର ତାରଖ ।

ଜୀବନ ତ ଚିରକାଳ ଶୁଷ୍କନଈ
ଖସ୍ଖିଆ ଫଟାବାଲି ହାହାକାର
ତୃଷାପରି ଶୂନ୍ୟତାର ରଣହଁଣ ମଲାପଣ
ରକ୍ତରଙ୍ଗ କରୁଣ ସୂର୍ଯ୍ୟାସ୍ତ ।

ବାର ବାର ଅଦୃଶ୍ୟ ହାତରେ ଗୋଟେ
ରଦ୍ଧ ହୋଇଯାଉଥାଏ ସଂଭାବନା
ଖସ ଓ ତସରେ ନିତି ଘୂରି ବୁଲୁଥାଏ
ପିତୃହୀନ ସ୍ୱରଟିଏ
ବିଫଳ ହାତରେ କେବେ ହତାଶକୁ
ପକ୍ଷାଘାତ ଯାତନାରେ ଆଉଜାଇ ନେବାବେଳେ
ଦୁଇ ଆଖି ଲୁହଭର୍ତ୍ତି ହୋଇଯାଏ
ଯାହା ଏକ ଅଂଧ ଗାୟକର ଅଧୀର ସ୍ୱରଟେ ପରି
ଓଦା ଓଦା ଲାଗେ ।

ଜାଣିଚ ମୁଁ, ଯାଦୁକର ନିର୍ଦ୍ଦେଶରେ
ଏମିତିଇ ଘଟୁଥିବ
ଚାଲଂତି ବାଟରେ କେବେ
ସ୍ଥିର ହୋଇ ଯାଉଥିବ ବ୍ୟଥିତ ଗାଡ଼ିର ଚକ
ଶୁଖି ଶୁଖି ଯାଉଥିବ ମଲାନଈ ଲୁହଧାର
ଜଳମଳ ଯାଉଥିବ ଫସଲ କିଆରି
ବାଟଭୁଲି ଯାଉଥିବ କ୍ଳାଂତ ପକ୍ଷୀ
ଗ୍ରୀଷ୍ମରେ କଉଁଠି ଗୋଟେ ନିଆଁ ଲାଗି ଯାଉଥିବ
ଭାରି ଭାରି ଅସ୍ୱାସ୍ଥ୍ୟ ଲାଗୁଥିବ
ମାଛି ବଂଚିବାର ନିଶା ସରବନ ।

ଅକାଳ ଗ୍ରୀଷ୍ମକୁ ଆପି ହୃଦୟରେ
ହତଭାଗା ମଣିଷଟି ବସିଥିବ
ପଲକ ପଡ଼ୁ ନଥିବ, ପରଦା ପଡ଼ୁ ନଥିବ
ମର୍ମଭେଦୀ ସ୍ୱରଟିଏ
କଉଁଠୁ ନା କଉଁଠୁ ଗୋଟେ ଭାସି ଆସୁଥିବ । □□

Digitized by srujanika@gmail.com

ସହର

ଅଳିଆ ଆବର୍ଜନାର ସୂଳାଏ ବିଭବ ପରି
ନର୍ଦ୍ଦମା କଡ଼ରେ ଦେଖ ହସୁଛି ସହର
ଛୁଂଚା ଲେଂଗୁଡ଼ରେ ପିଏ ଏଇ ଧୂଆଁକୁଚ
ସେ ଆମ ଭାଗ୍ୟ ନା ଭବିତବ୍ୟ
ପ୍ରତିଟି କଥାରେ ଗୋଟେ ନିଃଫଳ ନିଃଫଳ ଭାବ
ମଳି ମଳି ନିଷ୍କଂପ ସଂପର୍କ ।

ମାଛି ଭଣଭଣ ପଚାସଢ଼ା ସମସ୍ତର ଭାଗ୍ୟ
ଖୋଲା ମୁର୍ଦ୍ଦାର ମୁର୍ଦ୍ଦାର ଗଂଧ
ଛଳନାର ବିଷାକ୍ତ ବାଷ୍ପରେ
ଶ୍ୱାସରୁଦ୍ଧ, ମଣିଷର ବିକଳ ବ୍ୟକ୍ତିତ୍ୱ ।

ସୁଧିଜନେ, ଦେଖ ଦେଖ ସଭ୍ୟତାର ଜୟଯାତ୍ରା
ଆକାଶରେ ଦସ୍ତମାସ୍ତ ବିକଳ ସୂର୍ଯ୍ୟାସ୍ତ
ମଣିଷର ଅସହାୟ ସଚିନ୍ନ ସ୍ୱପ୍ନର ଘର
ଶେଷ ଜର୍ଜରିତ
ମୁନାଫାର ହସଟିଏ ହସୁଅଛି
ଦଗାବାଜ୍ ଦାରୁଣ ସହର
ହାଉଯାଉ ଦଳଦଳ ମିଛର ଗରାଖ ଏଠି
ଅନାହାରୀ ଅର୍ଦ୍ଧାହାରୀ ମଣିଷର
ଝାଳ ସଲବଲ ମୁହଁ, ବ୍ୟର୍ଥ ହାହାକାର ।

ବେଦନାର ଛଟପଟ ହତାଶୀ ମଣିଷ ପରି
ରେଳଗାଡ଼ି ଝିଂକାରର ଡାକ
ଆକୁଳ ଅସ୍ଥିର ହବୁ ସନ୍ତ୍ରାଧାଟ
ଗାଡ଼ି ଓ ମୋଟର
ନର୍ଦ୍ଦମା କଡ଼ରେ ଦେଖ ହସୁଛି ସହର । □□

Digitized by srujanika@gmail.com

ଥୁଂଟା ଗଛ

ଯତନେ ଆଦରରେ ଆଙ୍କିଥିବା
ସ୍ବପ୍ନ ଗୋଟି, ଅପସରିଯିବ
ନୃଶଂସ ପବନ ଆସି ତୋଳିନେବ ଡାଳପତ୍ର
ଝଡ଼ିଯିବ ଅପରାହ୍ନ, ଫୁଲର ମସ୍ତକ

ଶୂନଶାନ୍ ଦିଶୁଥିବ ରାସ୍ତାଘାଟ
ଶବସ୍ଥାନ ବଂଶୀପରି ଚୁପ୍‌ଚାପ୍
ଘୁଇ ସ୍ଥାଇ କିଛି ବି ନଥିବ
ଥୁଂଟାଡାଳେ ବସିଥିବ ଚୁପ୍‌ଚାପ୍ ନିର୍ବାକ ପବନ
ସବିସ୍ମୟ ସ୍ବର୍ଗ୍ୟଟିଏ ଉପରକୁ ଟେକିଥିବ ଶୂନ୍ୟ ହାତ
ଜଳୁଥିବ ଆଖିପତା, ଲୁଣି ଓଠ
ଯୁଗତଳେ ଜଳିଜଳି ଯାଉଥିବ
ଧକଧକ କଳା ଦୀର୍ଘଶ୍ବାସ ।

କିଏ ସେ ଲେଉଟ କାହିଁ
ରାସ୍ତାକଡ଼ ଅକର୍ମଣ୍ୟ ଥୁଂଟାଗଛ
ବୈଶାଖର ଘୁଇସ୍ଥାନ କୋଳ
କିଏ କାହିଁ ଆଦରଇ ସମ୍ବାଦରେ
ଦରଛିଡ଼ା ସମ୍ପର୍କ ଓ
ଅସହାୟ କଂକାଳର ଲୁହ ?

ଏଇ ବାଟେ ଚାଲିଯିବ ଗମ୍‌ଗମ୍ ଝାଳ ପୋଛି
ବାଟୋଇର ଶରଣାର୍ଥୀ ମନ
କ୍ଲାନ୍ତ ପାଦ, ପୋଡ଼ା ଆଖି, ଶାଲ୍ ହାତ
ଅଂଗାର, ପାର୍ବଣ, ଶୋକ, ବ୍ୟାକୁଳ ଜୀବନ । □□

Digitized by srujanika@gmail.com

କବି

ନିର୍ଜନ କୋଠରୀଟିଏ କବିର ବୈକୁଣ୍ଠ
ନିର୍ବାସିତ ଦ୍ୱୀପଟିଏ ରଂଗମଂଚ
ବେସୁରା ବୀଣାଟେ ପରି ଗ୍ରନ୍ଥପଟ ପ୍ରାଣଟିଏ
ବିଷଣ୍ଣ ଈଶ୍ୱରଟିଏ, କବି ।

ଲକ୍ଷ୍ମୀହୀନ ଘରଟିର ଦୁଆର ଝରକା ଦେଇ
ଆତଯାତ ହେଉଥାଏ ଶୋଷ, ଅବଶୋଷ
ଅବିକଳ ଅପୂର୍ଣ୍ଣ ଆଶାଟେ ପରି ଏକୁଟିଆ କବି
ଦୁଇ ଦରଣୀ ପାଦ, ଶୂନ୍ୟ ଓଠ
ଝୁରୁଝୁରୁ ହୃତସ୍ପନ୍ଦେ, ନିଶବ୍ଦ ନିଶବ୍ଦ ଆଖି
ଯୋଡ଼ିଏ ନିଷ୍ପାପ ତୋଳା କଂକାଳୀବୃଷିର ।

ଦୁଃଖ ଛଡ଼ା କରି ନଥାଏ ଅକ୍ଷମ ହାତରେ
କେତେବେଳେ ଅକୁଳ ପ୍ରତୀକ୍ଷାଟିଏ, ଆର୍ତ୍ତନାଦଟିଏ
କେତେବେଳେ ଉଜ୍ଜ୍ୱଳ ହତାଶାଟିଏ
ଓଁ କାର ଓ ହାହାକାରଟିଏ ।

ଅବାକ୍ ଆଖିରେ କବି ଦେଖେ ଶ୍ରଦ୍ଧାହୀନ ସୃଷ୍ଟିର ତାତ୍ପର୍ଯ୍ୟ
କାନଡେରି ଶୁଣେ ଝରାପତ୍ରର ମର୍ମର
ଖରାଦିନ ଧୂଳି ଧୂସରିତ ରାସ୍ତା, ଧୂଧୂ ଅପରାହ୍ନ
ଧୂଆଁଳିଆ ଆକାଶର କରୁଣ ନିଃଶ୍ୱାସ
ପତଂଗଟେ ବସି ବସି ଦେଖୁଥାଏ ସମୟର ଶୋକ
କେବେ କେବେ ବସଂତର ଥୁଂଟା ଡାଳ, ସମୟର ଲୁହ
ନିଦ୍ରିତ ଋତୁର ଶୋକ, ଭାବର ନିର୍ଜନ ଶେଯ
ସ୍ୱପ୍ନର ଭଗ୍ନାଂଶ ।

ସଂଧ୍ୟାର ନୀରବତା କାହିଁ କବି
କାହିଁ ତୋର ଫୁଲଫୁଟା ବାସ୍ନାର ଠିକଣା ?
ଘରଟି ଭିତରେ ଦୁଃଖର କଳା କୌତୁକ
ଝଟଝଟ ଦୁର୍ବିପାକ, ମନ୍ଦମନ୍ଦ ଔଷଧ ଓ ବିଷ
ଦଦ୍ରଗଂଜ ଜୀବନର ହାତଧରି ଟାଣୁଥାଏ
ଶେଷହୀନ ଶୂନ୍ୟ ଦୀର୍ଘଶ୍ୱାସ ।

ଦିନ ଥିଲା, କବି ହସି ଦେଉଥିଲା ନଈପରି, ଝରଣା ପରି
ଜହ୍ନ କି ପବନ ପରି

Digitized by srujanika@gmail.com

ଆଶ୍ବର୍ଯ୍ୟ ପବନରେ ଛିଣ୍ଡିଯାଇଚ ସପନର ଗୁଡ଼ି
ଶୁଖିଯାଇଚ ମନର ମନ୍ଥ ଓ ହୃଦୟର ରସ
ଜୀବନ ଲାଗୁଚ ଯେମିତି ଚରମିଶ ଯାଇଥିବା ବନ୍ଧୁଟିଏ ପରି ।
କ୍ରମଶଃ କ୍ରମଶଃ ଶବ୍ଦ ସବୁ ଶବ ଶବ
ଶୂନ୍ୟ ଶୂନ୍ୟ ଘର ଘାଟ
ଶବ ଶବ ଆପଣାର ବିଶ୍ୱାସ ସକଳ ।

ଓ୍ବାର୍ଯ୍ୟକ ସ୍ବପ୍ନାଣିଟିଏ ବେଳେବେଳେ
କବି ନୀରବରେ ଭିଜିଯାଉଥାଏ
ଗୋଟିଏ ଦୃଷ୍ଟିପାତରେ ଶୃଙ୍ଖଳିତ ଏକାଗ୍ରତା
ଖାଁ ଖାଁ ଅନ୍ୟମନସ୍କତା
ତୋତେ କିଏ ବୋଧ ଶୋଧ ଦେଇପାରିବରେ କବି
ମେଘ ସ୍ବପ୍ନିଳନ ତୋର ଦ୍ବିପର୍ଯ୍ୟସ୍ତ ଶବ୍ଦର କ୍ଷେତକୁ
ଆସିବ ଆସିବ ବୋଲି ନିଭିଗଲା ଆକାଶ ଗ୍ରହର
ହୃଦୟ ଅର୍ପିଲୁ ଯୋଡ଼ି ପ୍ରାଣସଂଗିନୀକୁ
ସ୍ବପ୍ନିଳନ ଆକାଂକ୍ଷା ଦୃଷ୍ଟିରେ ଥରେ
ତା' କପଟର କବାଟ ଫିଟାଇ
ହୃଦୟ ଅର୍ପିବା କେବେ ସରେ ନାହିଁ ବୋଲି
ସବୁ ସଂଗୀତରେ ତୋର ଦୁର୍ବଳତା
ସବୁଠି ଅସ୍ତ୍ରାଏ ଅଶ୍ରୁ, ଶିହରଣ, ଆତ୍ମସମର୍ପଣ ।

ମୁଁ ଜାଣେ ତୋର ଭାବପ୍ରବଣତା
ରୁ ଛଳଛଳ ଆଖିକଣ ବରଷାକୁ ସ୍ବପ୍ନେଁ
କେବେ ପୁଣି ଅନାଘ୍ରାତା ଉଦାସୀର
ଅନୁରୂପ ଲୁବ୍ଧ ହୋଇ ଝାଂପଦ୍ଧୁ
ପତ୍ରିକାର କରୁଣ ପୃଷ୍ଠାରୁ

ଦେଖିଚ ଦେଖିଚ
ଗୋଟେ ଆଖି ବନ୍ଧୀପାଇଁ ବିଜ୍ଞାପନ ଦେଇଥିବା
ବେକାର ଯୁବକଟିର ସଂବାଦରେ
ତୋ କଂଠ ବାଷ୍ପରୁଦ୍ଧ ହୋଇଥିଲା
ଜାଣିଚ ଜାଣିଚ
ସେତେବେଳେ ତୋର ଝାଂପଡ଼ିବା
ଦେଖିଚ ଦେଖିଚ

Digitized by srujanika@gmail.com

ଆତଂକିତ ପବନରେ ସୀତାଗ୍ରସ୍ତ ବୃକ୍ଷ ଶ୍ରେଣି
ପାହୁଲ୍ ଝରୁଥିବା
ଦୁଇ ଆଖି ମେଘରେ ପୁଣି ଝରୁଥିବା
ଦେଖିଛ ଦେଖିଛ ।

ବସୁନ୍ଧର ସ୍ୱପ୍ନ କ'ଣ
ସାନ୍ଧ୍ୟ ଓ ଭରସାହୀନ ଅନୁଭବଟିଏରେ କବ
ରୁ ବର୍ତ୍ତିଲୁ ଲାଂଛିତା ମାଟିର କୋହ
ଅନ୍ଧକାର ଲୁହ
ତୋ ହୃଦୟକୁ ଛିନ୍ ଛିନ୍ କରି ଦେଲା
ଅବିଶ୍ୱାସୀ ଅପରାହ୍ନ
କୁଣ୍ଠକର ଧୂ ଧୂ ଅଫଳନ୍ତ ଧାନ ବିଲ
ମଂନ୍ଦିରରେ ଦେବତାର ଦଗ୍ଧ ଦୀର୍ଘଶ୍ୱାସ

ଜାଣିଛ, ଜାଣିଛ ।
କି ଥର ହୃତବାକ୍
କଲା ସର୍ଦ୍ଧା । ଆଚ୍ଛୁଆଳେ କି ଥର ଦୀର୍ଘଶ୍ୱାସ
କି ଥର ଲୁହ ଓ କୋହରେ ତୋର
ଭିଜିଅଛୁ କାଗଜ କଲମ ଏବଂ
ସ୍ମୃତିର ପକେଟ । □□

Digitized by srujanika@gmail.com

ସାର୍

ଭଂଗା ଝର୍କା ସେ ପାଖରେ
ମଉଳିଚି ଧବଳ ଟଗର
ଚଷମାର ଅସ୍ୱଚ୍ଛ କାଚରେ
ଅର୍ଷିତ ଆଖିକୁ ଆଉ ଦିଶେ ନାହିଁ
କଟକ ସହର
ପବନର ନିଷ୍ଠୁର ହାତରେ
ତମେ ଏକ ମିଂଜି ମିଂଜି ଦୀପ ଶିଖା
ମେଘ ଅଂଧାରର
ତମେ କିବା ବେସୁରା ଗୀତ ପଦଏ
ରଂଗହୀନ ସମସ୍ତ ଓଠର !

ତମେ କିବା ହତାଶାରେ ଜଳିଥିବା ହସ୍ତାକ୍ଷର
ଛେଉଂଡ ପିଲାର ଏକ ଭଂଗା ସିଲଟର
ତମେ କିବା ମରୁଦଗ୍ଧ ପାଣି ଧାର
ସୀମାହୀନ ହାହାକାର
ସ୍ୱେଦସିକ୍ତ ମଧ୍ୟାହ୍ନର କରୁଣ ଲହର ?

ଲୁହରେ ଲୁହରେ ଭରପୁର ତମ ଆଦର୍ଶ ପୃଥିବୀ
କରୁଣ କୋହରେ ଦୁଇଭିଜା ଆଖି
ଏବେ ବି ଜଳୁଚି ହୋଇ ଦକ ଦକ
ଜଳୁଅଛି କ୍ଲାଂତପାଦ, ଭଂଗାମନ,
ପୋଡ଼ା ପେଟ, ନିଦ୍ରାହୀନ ରାତି ।

ଅପାସୋରା ସବୁ ଆଜି
ବ୍ଲାକ୍‌ବୋର୍ଡ଼, ଡଷ୍ଟର୍, ରୁଟିନ୍
ଅପାସୋରା ସ୍କୁଲ ଘଂଟା, ଉପସ୍ଥାନ
ବହି ଖାତା, କାଗଜ, କଲମ, କାଳି
ଟେବୁଲ, ଚଉକି ।
ମନେ ପଡ଼େ ଗୋଟି ଗୋଟି
ପଛରେ ପଡ଼ିଚି କେତେ ଭଂଗା ସ୍କୁଲଘର
ଅଶ୍ରୁବର ଇତିହାସ
କେତେ ଯେ କଂକାଳସାର ପିଲାଂକ ଖବର ।

Digitized by srujanika@gmail.com

ଝଁଶପଡ଼ିଅଛୁ କେତେ କରୁଣ କୋହର ଶଢ
ହାତଗଢ଼ା ବଗିଚ୍ଚର ଫୁଲ
ଆଖିବୁଜି ଦେଇଅଛୁ ତାକୁ ସବୁ
ଅଂଧ ଇତିହାସ ।
ଗାଁ ଦାଂଡ ଅଂକାବଂକା ବାଟଦେଇ ଯିବାବେଳେ
କ'ଣ ସବୁ ମନେ ପଡ଼େ ସାର୍
ଜୀବନର ଉତ୍ଥାନ ପତନ କଥା
ନା, କଅଁଳିଆ ସମୟର କଥା
ଥରଥର ପବନରେ ଟଳିଯାଏ
ତମ ହାତଅଂକା ପ୍ରସ୍ତୁତ ନକ୍ସା
ଜୀବନ ଲାଗଇ ଯେହେତୁ
କେଉଁ ଏକ ଫାଙ୍କା ସ୍କୁଲ୍ ହତା
ଜୀବନର ମାନେ ଖାଲି ନୀରବତା
ଫାଂକା ସ୍କୁଲ୍ ହତା । □□

Digitized by srujanika@gmail.com

ଶୋଭାଯାତ୍ରା

କେଉଁ ସୁଖ ଚର ବସଂତର ସ୍ୱର୍ଣ୍ଣ
ଭିଜାଭିଜା ନିଦ୍ରାର ନିକୁଂଜ
ନା ଦୋଲଗୀତ, ନା ବିଦାୟ ସଂଗୀତ
ନା ସୁସ୍ମିତ ରାତର ସୁଗଂଧ ଅଂଧାର
ନା ମିଳନର ଫୁଲତୋରଣ
ରୁଣ୍ଡିଂଶ୍ରୀ ବିଛଣା ଓ ସୁବାସିତ ଋତୁର ପୁଲକ ?
ଟୋପିଟୋପି ଚଂଦନ ଓ କର୍ପୂରର ମାଳାପିଂଧି
ପଲଂକରେ ବସିଥିବା ସ୍ୱପ୍ନର ସମ୍ରାଟ ଦେଖେ
ଆରସିରେ ଝଲମଲ ରଂଗୀନ ଆକାଶ
ଶୋଭାଯାତ୍ରା ଝଲମଲ ସୁସଜ୍ଜିତ ଆଲୋକ ମାଳାରେ
ଗୃହଆଡ଼େ ସୁନେଲି ସ୍ୱରର ଢେଉ
ଚଂଦନବନର ରାତ୍ରି, ଫୁଲଫୁଟା ମହୋତ୍ସବ
ଜନ୍ମ ଆଉ ତାର ଭରା ଅନଂତ ସଂତୋଷ
ପଛକଣ ଭୁଲିଯାଏ ଚୈତ୍ରର ମହୋତ୍ସବ
ଜହ୍ନରାତି, ମନୋମୁଗ୍ଧକର ଦୃଶ୍ୟ
ଅଂଧାରର ମିଠା ଅବଶୋଷ
ପୁଣି ସେଇ ଶୂନ୍ୟତା ଓ ଖାଲି ଖାଲି ନୀରବ ମୁହୂର୍ତ୍ତ ।

ପାଲିଂକି ବୋହିଥିବା ଲୋକଟିର
ଭାଗ୍ୟପଣ, ଏ ଜୀବନର ସରଳାର୍ଥ, ହେ ମୁନିଜନେ,
ପଢ଼ିଛନ୍ତି ଭୁଲୁଥିବା ଶୈଶବର ଶୋକ ପଣ
ମଣିଷର ସମଗ୍ର ଜୀବନ କାଳ
ବିଜୁଳି ଚମକ ପରି ଉଜ୍ଜ୍ୱଳ ବିକଳ ।
ଦୁଃଖପାଇଁ ସଜବାଜ ଏ ମଙ୍ଗଳ ଲଗ୍ନରେ
ସ୍ୱପ୍ନର ରଂଗୀନ ଧନ ଝଡ଼ିପଡ଼େ
ମଳିଫୁଲ ବିଛଣାରେ, ଅନୁଶୋଚନାରେ,
ଭେକ ଶୋଷ ସରିଆସେ ଗହଗହ ଶୂନ୍ୟ ପବନରେ
ଅନିଂଦ୍ୟ ସୁଂଦରୀ ସ୍ୱପ୍ନ ଲୁଚିଯାଏ କେତେ ଶୀଘ୍ର
ଝରାପତ୍ର, ବାଲିର ଆରସିରେ
ନିର୍ବୋଧ ମଣିଷ ନିଦ୍ରା ଭାଙ୍ଗିଯିବା ପରେ ଦେଖେ
ବିଫଳ ସକାଳ ଆସି ଉଭା ଏକ
ହାଡ଼ମାଳ ଭିକାରୀ ବେଶରେ । □□

Digitized by srujanika@gmail.com

କାଶ୍ମୀର

ଆପେଲ୍ ରଂଗର ଜହ୍ନ
ଭିଜୁଛି ରକ୍ତରେ
ସବୁଜ ଚଢ଼େଇ ଗୀତ
ଡୁବିଛି ଅଂଧାରେ
ଭିଜୁଛି ବଂଧୁକ, ଛୁରି
ହୃଦୟ, ହ୍ରଦ ଓ ନଈ ଫୁଲର ପାଖୁଡ଼ା
କିଶୋରୀର ଭଲ ପାଇବାର ଆଖି
ଅଲଂଧ୍ରୁ ଓ ଲୁହରେ ଅଳସ ।

ମୁଖ୍ୟ ଆଜି ରକ୍ତରେ କରୁଣ କାଶ୍ମୀରର ସ୍ୱପ୍ନ
ପବନର ସବୁଜ ଫସଲ ଗ୍ରୁତ ରକ୍ତରେ ଭିଜୁଛି
ଝଡ଼ ଆଜି ଅଂଧାରର କରୁଣ ରାଗ ସଂଗୀତ
ଶୋକରେ ଝୁରୁଛି ।
ମାଡ଼ିଆସେ କଳାମେଘ
ଘନଘୋର ଅଂଧାରର ରାତି
ପାହାଡ଼ର ପାଇଁଣ ଗ୍ରୁତରେ
ଯାଏ ମରି ପବନର ଲୋର
ଗୁଳିଆଡ଼େ ଭୟ ଆଜି ଆଶଂକାର ହୃଦୟର
ଟକ୍ ଟକ୍ ଛୁରି
ଗୁଳିଆଡ଼େ ବାଂଚିହେଉ ପଡ଼ିଥିବା ରକ୍ତ, ଲୁହ
ଅବିଶ୍ୱାସ, ହିଂସ୍ରତାର, ଲୁହ ଓ ଲହରି ।

ସବୁଠି ସେ ସନ୍ତାସର ନର୍ମମ ବୁଲେଟ୍
ନେମହର୍ଷ ଲୁହ
ତୀକ୍ଷ୍ଣ ନଖ ଦଂଶନର ଦାଗ
ବହିଯାଏ ରକ୍ତ ଧାର ଧାର
ବାପ, ମା' ଛେଉଣ୍ଡ ପିଲାର କାନ୍ଦ
ବର୍ଷା ଝରଝର ନଈ ନାଳ ରକ୍ତ ଝଲମଲ
ରକ୍ତ ସ୍ନାତ ବୃକ୍ଷଲତା, ଜଂଗଲ ଓ ଫୁଲର କବର
ଅଂଧାର ଆତଂକ ଗ୍ରାସ
ଲୁହ ବଳବଳ ରକ୍ତର ମାଟି କାଦୁଅ
ଫୁଲ ଓ ତସ୍କର ଲାସ୍
ଅକର୍ମଣ୍ୟ ମରଣ ଅଂଧାର । □ □

Digitized by srujanika@gmail.com

କେନ୍ଦୁଝର

କେଂଦୁଝର :
ବେଦନାରେ ଛଳଛଳ
ହରିଣୀର ଆଖିପରି ଝରଣା ଓ
ଘଞ୍ଚ ଘଞ୍ଚ ନିର୍ଜନ ଜଂଗଲ
ଆଦିବାସୀ ବଉଁଶୀର
ବେସୁରା ସୁରରେ କେବା
ଏକାଂତ ସଜଳ ।

ଏଇ ସେଇ କେଂଦୁଝର
ବୈତରଣୀ ଅଶ୍ରୁଳ ଆଖିର କାବ୍ୟ
କାତର ଚଂପୁର ମନ
ଓ ଚନ୍ଦ୍ରଢଣା—ଗିରିବନ, ତରୁଗୁଳ୍ମ
କୋଇଲି ଗୀତର ।

ସବୁଦିନେ ଝରଣାର ଲୋର
ଦୁଃଖର ସ୍ବଂଗୁମାଦଳ
ପାହାଡ଼ର କରୁଣ ବ୍ଲାଷ୍ଟିଂ
ବିଷାଦର ବୃଂଦାବନ ପରି ଲାଗେ ।
ଧୂଳି ଓ ଧୂସର ।
ଏଠି ଦିନେ ଥମିଯାଇଥିଲା ପାଦ
ଦେବୀଂକର ସ୍ବରର ନୂପୁର
ଝଲମଲ କରେ ସଦା
କରୁଣା ଓ ଆଶିଷର ଦୁଇ ଆଖି
ଯୁଗ ଯୁଗ ଅନଂତ ଯୁଗର ।

କାଂଦ କାଂଦ ତରୁଲତା
କିଏ ଆଜି ପୋଛିଦିଏ
ତା' ନୀଳ ଅରଣ୍ୟର ସବୁଜ ମଲ୍ହାର
କିଏ ସେ ଘୋଡ଼େଇ ଦିଏ ତା' ଦେହରେ
ରଂଗୀନ ଝଲମଲ ଲୁହର ବାଦଲ ?

ଓଠରେ ଆଖିରେ ତାର
ଚୂନାଚୂନା ଆକାଶର ଘର

Digitized by srujanika@gmail.com

ବେଳେବେଳେ ନୂଆଁଣିଆ ମେଘ ଆଉ
ଝୋପା ଝୋପା କୁହୁଡ଼ିର ଘର
ଚିରକାଳ ଏନ୍ମପଣ ଅକ୍ଳୁହ୍ମା କୋଦ୍ରରେ ମୂକ
ଶୂନ୍ୟତାର ନୀଳ
ଅସରନ୍ତ କାହାଣୀର ମାୟାଜାଲ,
କେଂଦୁଝର—ଶାଳବଣ, ଘଂଚ ଜଂଗଲ ।

ଇଏ କି ଉଦାସ ଶୂନ୍ୟ ବାଂଧଗୋଡ଼ା ।
କରୁଣ ପାଟଣା
ସ୍ୱଜନୀତ, ଅର୍ଥନୀତ କପଟ ପଣାରେ
ଅଭାବରେ, ମରୁଡ଼ିରେ
ଶୋଷଣରେ, କଷଣରେ
ଢ଼' ଆଖି ବେଳେବେଳେ ଲୁହ ଛଳଛଳ
ସ୍ୱର୍ଣ୍ଣଗର୍ଭା କେଂଦୁଝର ଢେଶ ଅ.ଜ
ଲୁହରେ ଅଧୀର
ଝରଣାର ପାଣି ପରି ବିପୁଳ ଐଶ୍ୱର୍ଯ୍ୟ ତାର
ଲୁହ ଛଳ ଛଳ
କିଏ ସେ ଉଜାଡ଼ିଦିଏ
ଅଂଧାରରେ ଫାଟୁଥିବା ଲୁହର ଫସଲ ତାର
ଶ୍ୟାମଳ ଅରଣ୍ୟ ଭାଂଗି ଚପିଦିଏ କିଏ ପୁଣି
ନିର୍ବାସିତ କରିଦିଏ ଗୀତ କେ ଇଲର
ଅଭୂର ଆର୍ତ୍ତିରେ ଜଟିଳ ହୃଦୟ ସହର ଏବଂ
ମନର ବଜାର ତା'ର, ସତରେ ନାହିଁ ମହାଳ ବଣର ଦୁଃଖ
ପତ୍ତରରେ ଇତିହାସ ଫର୍ଦ ଫର୍ଦ ଦୁଃଖର ଦଲିଲ ।
□□

Digitized by srujanika@gmail.com

ଭିକାରୀ

ଗଛର ଥୁଂଟାଡାଳରେ ବସିଥିବା ପକ୍ଷୀକୁ ପଚାର
ଦୁଃଖ କ'ଣ ? ସନ୍ଥାଙ୍କୁ ପଚାର ବାଟୋଇର ସ୍ୱର୍ଗ ?
ପବନକୁ ପଚାର କାଂଦ ବାଂଦ ନିଃଶ୍ୱାସର ଅର୍ଥ
ଶାପଗ୍ରସ୍ତ ଘାସକୁ ପଚାର ତା' ଆଖିରେ ଲାଗିଥିବା
ଲୁହର ତାତ୍ପର୍ଯ୍ୟ । ସଭିଏଁ ବୋଲିବେ ସନ୍ଥାଙ୍କଠେ
ଗୋଟେ ଚିରୁ ପୋକପରି ଗୁରୁଂଡୁଚି
ଅଂଧାର ଅଂଧାର ଗ୍ଲାନିରେ
ଏବଂ ବେଳେବେଳେ ସାଂଭୁଡ଼ି ଯାଉଚି
ନୀରବତାର ଆଁରେ ।

ଅଭ୍ୟାସବଶତଃ ଭିକ୍ଷାପାତ୍ର ଅଂଡାଳି ଅଂଡାଳି
ଭିକାରୀ ଦେଖୁଚି; ଜୀବନ ପାତ୍ର ଭରିଚି ଶୁଖିଲା ପତ୍ରରେ
ଲୁହର ପଇସା ଗୁଡ଼ିଲ ଖସୁଚି ଅସ୍ଥିର ଭବ ସାଗରରେ
ସେ ଅଂଡାଳୁଚି ପିଠି ପେଟ କମର କଂକାଳ
ପୋକ ସାଲୁବାଲୁ ମାଟି, ଚିରାଜାମା ଫଟା କବାଟର ଗୁଣ୍ଠି
ଉଦ୍‌ଗ୍ରୀବ ହାତରେ ବେଳେବେଳେ ଛଡ଼ାଇଦଉଚି ନିଃଶେଷ ସ୍ୱପ୍ନକୁ
ଓ ବାଛୁଚି ଝାଳଗଂଧ ଚିରା ପୋଷାକରୁ
ନାଁ ପାଉଚି ଅସ୍ଥିର ସ୍ୱପ୍ନ
ନାଁ ସବୁଚି, କ୍ଷୋଭ, ଶୋଷ, ଅଭିଯୋଗ
ଅଂଧାରର ତୋରଣ ସଜେଇ ସେ ବସିଚି ଏକା ଏକା
ପାଳୁଅଛି କ୍ଷୋଭର ଉତ୍ସବ
ମନଗଢ଼ା ଆଶା ଭରସା ମଉଳି ଯାଉଛି
ମନେ ମନେ ଗଢ଼ୁଅଛି ଘରଦ୍ୱାର, ଦୟାର ଈଶ୍ୱର
ପଦେ ପଦେ ଗାଉଛି ଏମିତି ।
'ତମକୁ ଜଗନ୍ନାଥ ଆଜ ମୋ ମନୋରଥ
ଭରତ କରିଦେବ ଗାଲ ହେ କୃପାନିଧି'
ଏବଂ ଏକ ଆଶ୍ଚର୍ଯ୍ୟ ଭଂଗୀରେ ପୁଣି ଝାଉଁଳି ପଡ଼ୁଚି ।
ସବୁ ତ ଦୁଃଖ, ଦୁଃଖମୟ
ଆଂଜୁଳା ଆଂଜୁଳା ଲୁହ
ବୁଢ଼ି, ଦାଢ଼ି, ଧୂଳି ଧୂସରିତ ଦେହ
ଝାଳଝାଳ ମୁହଁ
କଳା ଓଠ ବଳିବଳି ଚୂଳ

Digitized by srujanika@gmail.com

ଏକା ଏକା ଶୂନ୍ୟ ଶୂନ୍ୟ ଭିକାରୀଟି
ଧୂଳି ଝାପ୍‌ସା ପବନରେ ଶୁଣୁଅଛି
ପଞ୍ଚ ଖଡ଼ ଖଡ଼
ଡଂବରୁର ଡିବଡିବ, କମର ଓ ବେକ ଲଡ଼ବଡ଼
ହାଡ଼ ଅଣ୍ଟ ଗଂଠି ମଡ଼ ମଡ଼
ଆସୁଛି ପ୍ରଳୟ ବେଳା
ସମୁଦ୍ର କାଂଦୁଛି ନିଜ ବିଛଣାରେ ଶୋଇ ଶୋଇ
ସେ ବସିଛି ମୁହଁକରି ସିଂହଦ୍ୱାର ଆଡ଼େ
ପଚାସଢ଼ା ଅଂଧାରରେ ସେ ବାରୁଛି ଗଂଧ ନଗାଡେ
କପାଳରୁ ଝାଳ ଖସି ଆସୁଅଛି
ଅଲ୍ପବ ଯାଉଛି ମାଡ଼ି ଧୂଆଁ ପରି
ଢକ୍ ଢକ୍ ଜହ୍ନର ଓଠରେ ।
ଅଧାଜଳା ସିଂକାଟିଏ ଠାଣ୍ଡୁ ଠାଣ୍ଡୁ
ସେ ଆଉଁଷୁଛି କଷ୍ଟଗ୍ରୁଢ, ଶୋଚନୀୟ ଗୁଢ
ଜଳିଯାଉଛି ଅଂଗାର, ଅଗ୍ନି, ପାଉଁଶ
ହାଡ଼ ମାଂସ ସ୍ୱେଦରକ୍ତ
ହୃଦୟର ନିକାଂଚନ ବସ୍ତି ।

Digitized by srujanika@gmail.com

ନିଜ ଦୁଃଖରେ ନର୍ତ୍ତକୀ

ଅଂଧାରରେ କହିଁ କହିଁ କାଂଦନ୍ତିଏ
ସିଏ କି ପବନ ? ଦୁଃଖରେ ଭିଜେଇଦିଏ
ଦେହ, ମୁହଁ, ଆଖି, କାନ, ମୁକୁଳା କବାଟ
ମୁହୂର୍ତ୍ତିକେ ଝରିପଡ଼େ ସଫେଦ ବାଲି ଶେଯରେ
ଟପ୍ ଟପ୍ ଲୁହର ଢଗଟ
ଶୋକର ସାରାଂଶ କୋହ, ଲୁହ, ଦୀର୍ଘଶ୍ୱାସ ।

କଲମରୁ ଝରିପଡ଼େ ସ୍ୟାହି ଟୋପା ଚିରା କାଗଜରେ
ଓଦା କରିଦିଏ ବର୍ଷା ଝରକାର ପତଳା ପରଦା
ଆକାଶରେ ଗଢ଼ିଥିବା ଜନ୍ମଗତ ହାତଲେଖା ନୀରବର
ଲାଗେ ଯେନ୍ତେ ଫିକା ଆଉ ଫିକା
ସକାଳର ଉଜ୍ଜ୍ୱଳ ରଥରେ ଦିଶେ, ଗୋଟି ଗୋଟି ପ୍ରାଚୀନ ହତାଶା
ପ୍ରଶ୍ନର ସିଂହାସନରେ ବିଫଳ ଉତ୍ତରଟିଏ
ହତବାକ୍ ନିର୍ଜନ ମମତା
ଲୁହର ଇଜଲାସ୍‌ରେ ବିଚଳିତ ଶବ୍ଦଟିଏ

ଲୁହ କ'ଣ ? ଲୁହ କ'ଣ ଆବେଗର ଅବସାଦ
ଲୁହ କଣ ଉଚ୍ଛୁଳି ପଡ଼ିବା ଶବ୍ଦ ଭରା କଳସୀର
ଦୁଃଖ କ'ଣ ରଂଗହୀନ ଦୃଶ୍ୟପଟ, ଗୁରଖାର ସୁବର୍ଣ୍ଣ ବିଶ୍ୱାସ
ଦୁଃଖ କ'ଣ କୃଶକଂଟା, କୃଶ କାଠ
କୃଶବିଦ୍ଧ ଅତୀତର କରୁଣ ଫଗୁଣ
ଦୁଃଖ କ'ଣ ବାଟୋଇର ଥକା ପାଦ
ଝାଳ ଝାଳ ବିଷର୍ଣ୍ଣ କପାଳ
ଦୁଃଖ କ'ଣ କାମନାର କରୁଣ ମଂଦିର
ନବୁଜ ଘରର ଗୁମ୍‌ସୁମ୍ ଉଷରଟେ କ'ଣ ଦୁଃଖର ଜୀବନୀ
ଦୁଃଖ କ'ଣ ସୀମାହୀନ ସମୁଦ୍ରର ଅଶାଂତ ଲହଡ଼ି
ବାଲ୍ମୁକ ପଣକା ଓଦାଳ୍ପେକଟିଏ କ'ଣ ଦୁଃଖ
କିଂବା ଓଦା ଏକ ଗ୍ୟାଲେରୀକୁ ଛୁଇଁଥିବା ଶୂନ୍ୟ ଏଲ୍‌ଜଟେ
କୋହକଣ ସ୍ମୃତି ଭିତରର କରୁଣ ଗପଟେ

ଲୁହ କିବା ଦୁର୍ଦ୍ଦିନର ପ୍ରତାରଣା, ହାହାକାର
କାଳକାଳ ଭୟଂକର ପ୍ରବଂଚନା, ଅତୃପ୍ତ ଇଚ୍ଛାର

Digitized by srujanika@gmail.com

ଜଡ଼ସଡ଼ ଶ୍ଳୋକଟିଏ, ଆର୍ତ୍ତନାଦଟିଏ
ଅସହସ୍ତ୍ର କାଗଜରେ ମୁଖୁଠାରୁ ଭୟଂକର ଶୂନ୍ୟତା ଟୋପାଏ
ସେହ ମୁଖଶତ ଅଂଧାରର ଅଣାୟୁଷ୍ଠ ବତାସରେ
ଭାଂଗିରୁଜ ପଡ଼ିଥିବା ଘରର ଦୃଶ୍ୟ
ଛିନ୍‌ଛଣ ଡାଳପତ୍ର, ଥୁଂଟାଗଛ, ଲୁହ-ବଲ୍ଲବଲ ମୁହଁ
ସବୁ ଲଗେ ବିଚିତ୍ର ବିଚିତ୍ର

ସେଇ ଶୂନ୍ୟତା ଭିତରେ ପୁଣି ଭୂମିକଂପ
ଗୋଲ ଗୋଲ କାହାର ସେ ଦୁଇଆଖି
ଗୁଂଜଦିଏ ଆଖି, କାନ, ନାକ, ଓଠ
ଓଁକାର ଓ ଅହଂକାର
ଅବିକଳ ଲୁହ ଟୋପେ, ନୀରବ ସଂଗୀତ । □□

Digitized by srujanika@gmail.com

ବୁଢ଼ା ଲୋକ

ଖସିପଡ଼ୁଚି କାଂଥରୁ ଚୂନ
ଚଉବଢ଼ ନଦାରୁଣ କାଷ୍ଠୀ ପବନ
ଠାଏ ଠାଏ ଅଂଧାରର ସ୍ତବ୍ଧ ମନ
ଶବର ଦୁଃସ୍ୱପ୍ନ ।

ଶୂନ୍‌ଶାନ୍ ଗଛପଣ
ଫାଟକ ପାଖରେ ଠିଆ ଗୁଇଟିଏ :
ମହାକାଳ ସମସ୍ତର ମନ ।

ବୁଢ଼ାଲୋକ ଘାଂଟିହୁଏ ଛୁଂଚା ବିଛଣାରେ
ଅଳିଆ ଓ ଅଳଂଧୁରେ
ଘାଂଟିହୁଏ, ଘାଂଟି ହଉଥାଏ
ଧଇଁକାଶ ମକ୍ସୁ ଗୁଡରେ
ଶିଥିଳ ହାତକୁ ତାର ତେଣ ରଖୁଥାଏ ।

ବୁଢ଼ାଲୋକ ଅଂଧାରରେ ଅଂଧ
ନଷ୍ଟଭୂଣ କଣ୍ଟିଆ ବିଛଣାରେ
ମନ୍‌ମାଣ ବସିଥିବା ଦୃଶ୍ୟ ।
ଚମ ଧୂଡ଼ୁ ଧୂଡ଼ୁ ଦେହ
ଫୁଲ୍‌କା ଫୁଲ୍‌କା ଗାଲ ଫୁରୁ ଫୁରୁ ଚୂଳ
ବାହାରେ ମାଘୁଆ ରାତି
ପଟାପଟା ଜଂଗଲ ଅଂଧାର ।

ଏଇ ଶୀତ ରାତି : ଭୟାନକ ରାତି
ଫାଟିଯାଏ ସ୍ୱର୍ଗର ଗୋଇଠି
ଶେତା ଦୁବଟିର ଓଠ ଦୁଃଖରେ ଭିଜଚ
ମଂଦିରରେ ଦୋହରେଇ ଦୋହରେଇ
ଖଂଜଣି ଶୁଭୁଚ ।

ବାହାରର ଦୃଶ୍ୟବୋଧ ଏହିପରି,
ଘଡ଼ିଅର ଗୁପ୍ ଗୁପ୍ ଅଂଧାରରେ
ମଇଁଷି ଶୋଇଚ
ପଥରରେ ଶିଉଳି ଜମିଚି

Digitized by srujanika@gmail.com

ଶୁଖିଲା ମାଟି ଉପରେ
ବିକଳାଂଗ ଜନ୍ମର ଫସିଲ୍
ଭଜନଟେ ପୁରୁଣା ସ୍ୱରକୁ ତାର ଅଂଡାଳି ହଉଚ ।

ଏବଂ ବୁଢ଼ାଲୋକ ଅଂଡାଳି ହଉଚ
ପୁରୁଣା କଥାକୁ ତାର ଉଖାଣ ହଉଚ
କଉଁ ଏକ ଅଷ୍ଟୁଟ ଶାପରେ ଆହା
ପେଟ ତାର ଆଉଂଜି ହଉଚ
ବୁଢ଼ାଲୋକ ବେଳେବେଳେ ହାଉଳି ଖାଉଚ ।

ପଚ ଖଣ୍ଡ ଗଡ
ଲୋଭରେ ଅସାଡ଼ ଦେହ
ଅଂଧାରର ମୁହଁ ବଲବଲ
ଦୁଃଖର ଉଦାସ ଛୁଡ
ଭୟାନକ ସଢର କଂକାଳ
ବୁଢା ଗୁମ୍ ହେଇବସେ
ଅନୁନୟ ବୁହାଣିରେ
ଆଉଟି ପାଉଟି ହୁଏ
ବାହାରକୁ ଯିବାକୁ ଚୁହିଁ ସେ
ଖାଲି ମାଡ଼ି ମାଡ଼ି ପଡ଼େ ।

ଛଏ ଥକ୍କା ପଡ଼ିବାର ବେଳ
ବାହାରେ କି ଗଡ଼ଗଡ଼ ଯାଉଥିବା
ଶଗଡ଼ ଗାଡ଼ିର ଶୋକ
ସେ ଛୁଡରେ ଦକ୍ ଦକ୍ ଜଳୁଥିବା
ଲଂଠନ ଆଲୁଅ । □□

Digitized by srujanika@gmail.com

ମାନଚିତ୍ର

ରାସ୍ତାଟିଏ ଆପଣାର ବିଛଣାରେ
ଶୂନ୍ୟ ଓ ନିଗ୍ରେଲା
ଅଭିଶପ୍ତ ବିବ୍ରତ ମାଟିରେ ଅଲସ ମଲସ ସ୍ୱର
ବିଚ୍ଛୁରିତ ଖଇ ଓ କଉଡ଼ି
ମାଇଲ୍ ମାଇଲ ବ୍ୟାପୀ ସୂର୍ଯ୍ୟଧୂଆଁ ନାଗଫେଣୀ କଂଟା
ଆକାଶରେ ମେଘମ୍ଲାନ ଘଡ଼ଘଡ଼ି
ପାହୁ ଝରେ ନିଆଁ ବର୍ଷା।
ଉଦବେଗରେ ଅସ୍ନା ଦଶେ ଅରକ୍ଷିତ ବ୍ୟାକୁଳ ଅଭୀପ୍ସା।

ଶୁଖିଲା ପଙ୍କରେ ଭର୍ତ୍ତି ନଈର କୋରଡ଼
ସବୁ ଭଗ୍ନାଂଶରେ ସେଇ ଟିକେ
ଦଢ଼ଲେଖା ହସ୍ତାକ୍ଷର
କ୍ଷୀଣ ଦାଗ, ଚକ୍ ଚକ୍ ଲୁହ
ବିଷାଦର ଗଂଧ ଟିକେ
ଫିସ୍ ଫିସ୍ ପ୍ରଚ୍ଛନ୍ନ ବିଦ୍ରୂପ
ତୀକ୍ଷ୍ଣ ଆଲୁଅରେ ଜଡ଼ସଡ଼ ବୃକ୍ଷର କଂକାଳ
ଇଚ୍ଛାଂକର ପରିତ୍ୟକ୍ତ ଇତିହାସ ପରି
ପୋଡ଼ିହୋଇ ପଡ଼େ ମୋର କ୍ଲାଂତ କଂଠ ସ୍ୱର
ହୁରୁହୁରୁ ଜଳଉଠେ ଶଂଜ ବେଳ ନିଷ୍କରୁଣ ବିଷାଦ ଖରାରେ
ଅଭ୍ୟାସବଶତଃ ଜମା ଥମେ ନାହିଁ କୁତ୍ସିତ ବତାସ
ଯୋଗୀ ପୁଅ ନିଜକୁ ଚପୁଡ଼େ
ଆହା ଏତେବେଳେ ପବନର ମଂଥର ସୁଅରେ
ଖରାର ଝୁଲା ମୁଣିରେ ଲୁହ ଏବଂ ହା-ହା-କାର
ଆତ୍ମଗ୍ଲାନି, ଓଦା ଅଭିଳାଷ।

ମୁଁ ଖୋଲି ଦେଇଚି ମୋ ଶୂନ୍ୟ ଆଖିର
କରୁଣ କବାଟ
ପୋଖରୀ ହୁଡ଼ାରେ ବୃକ୍ଷ
ସେ ବୃକ୍ଷରେ ଦୁଇପକ୍ଷୀ
ଏକ ପକ୍ଷୀ ଲୋଭାତୁର ଆର ପକ୍ଷୀ ଏକାଂତ ଉଦାସ।
ଗଭୀର କ୍ରୋଧରେ ଦଗ୍ଧ ଫୁଲର ନିଃଶ୍ୱାସ
ଦଦରା ଡାଳରେ ଜଳିଉଠେ ମଶାଚକା

Digitized by srujanika@gmail.com

ଦୁର୍ବଳ ଘାସଟେ ନିଷ୍ଠୁର ଦୁଃଖରେ
ମୂର୍ଚ୍ଛେକ ଅନେଇଛ ପଥର ସଂଧିରେ
ବାଟଭୁଲା ବାଲୁକାର ଶୁଖିଲା ଆଖିରେ
କାଂଦକାଂଦ ନଦ୍ୱେଲା ହତାଶା
ଏବଂ ଛେଉଂଡ ଅଂଧାର
ଶାମୁକାର ଭଂଗା ଓଠ କୂଳରୁ ଲେଉଟି ଆସେ କରୁଣ ଜୁଆର
ମଶାଣିରେ ଦଳେ ଲୋକ ପୋଡ଼ୁଛଂତି ସ୍ୱପ୍ନର ମୁର୍ଦାର
ମଶାଣିକୁ ଜଗିଥିବା ଲୋକଟିର ଆଖିଂରେ ଦେଖାଇଛ ଲେଖା
କୁହୁ କୁହୁ ପାଉଁଶ ଅଂଗାର ।

ନୀରବତା ଗହ୍ୱଳ ଚହ୍ୱଳ
ଅର୍ଦ୍ଧନଗ୍ନ ଚଢ଼େଇ ଶୀତରେ
ପ୍ରକଂପିତ ଖଗବେଳ
ଥରହରେ ଦୁବ ଘାସ ଅସ୍ଥିର ହୃଦୟ
ଖସିହରେ ବୃଷଭର ନଷ୍ଟପାଦ, ଯଷ୍ଟି ଶଢ
ଅସ୍ଥିର ଏ ଆତ୍ମାମନ
ଧଇଁ ସଇଁ ଅସାର ସଂସାର ।
ଜଳିଯାଏ ଶେଯ ମୋର
ମୁଁ ପୋଛେ ଝାଳର ଗଂଧ ନିଃସଂଗ ହାତରେ
ପୋଖରୀର ପାଣି ମୁଂଦାକରେ
ହତଭଗା ଗ୍ରୁଇପଡ଼େ
ଅସହାୟ ମନ-ମୀନ ବୁଲୁଥାଏ ମଇଳା ପାଣିରେ
ଦୁଃଖପତ୍ର ଜଟିଳ ମୁଁ
ଶୂନ୍ୟ ଦ' ପଦ୍ମରେ ମୁଁ ଅଧମ,
ଜୀବନ ମୋ ଅଭିଶପ୍ତ ପୋଡ଼ା ଘାସ
କଉଣସି ଭାବ ସହ ପରଚୟ ନାହିଁ
ବିଶ୍ୱାସଘାତକ ବାସ୍ନା ଫେରେ ନାହିଁ
ଦାରୁଣ ଗ୍ରୀଷ୍ମ ଋତୁ ଧନମାନ ଯଶର ମରୁଡ଼ି
ଅଇନାରେ ଭୀଷଣ ନିର୍ଜନ ଦିଶେ ଲୁହର ସହର
ଅପେକ୍ଷାରେ ବେଳ କଟେ ଚଉଦ ବରଷ କାଳ
ଚଉଦ ବରଷ ଧରି ବନବାସ
ଦାରୁଣ ଜଂଜାଳ ।

Digitized by srujanika@gmail.com

ସେ କେଉଁ ନୀଳ ଛୁଇକୁ ଖୋଜି ଖୋଜି
ଅଂଧ ଚାଲେ ଧୀରେ ଧୀରେ
ଗ୍ଲେଟାକୁ ତା' ବସାଇ କାଂଧରେ
ଢଗ କି ଅଢଗ କିଛି ଜାଣେ ନାହିଁ
ସେ ଚାଲଇ କଉଁ ଏକ ବଂଧୁହୀନ ସୀମାହୀନ
ଅନଂତ ବାଟରେ
ଆଖିପତା ନଇଁପଡ଼େ ଉଦ୍‌ଭାସିତ ସୂର୍ଯ୍ୟ ଆଲୁଅରେ ।

ପ୍ରଭୁର କରୁଣାପରି ଆକାଶ ତଥାପି ନୀଳ
ବୃଥା ମୋର ଭଗ୍ନ ଆଶା
ପଳାୟନପଂଥୀ କେଉଁ ସନ୍ୟାସୀର ବେଶ
ମୋ ଭିତରେ ଆଲୁଅର ପୋଖରୀ ସମୁଦ୍ର
ମୁଁ ଦେଖୁଚି ବସିବସି ଭାଂଗିବୁଜି ପଡ଼ିଥିବା ସ୍ପର୍ଦ୍ଧିତ ମୁକୁଟ
କୁଷ୍ଠରୋଗୀ ହାତ ଆଉ ପାଦ ପରି ଯଂତ୍ରଣା କୃଷର,
ମାଟିଆ ଓଠରେ ନମ୍ର ନିବେଦନ
ଦୀର୍ଘଶ୍ୱାସ : ଦୁଃଖିତ କୁମ୍ଭୀର
ଆଖି ତଳେ ଲୁହ ଗଡ଼େ
ହୃଦୟରେ କୋହ ଆସେ
ଆକାଶରେ ଶବ୍ଦ ବାଜେ
ମୁଁ ଅସ୍ଥିର,
ଆତ୍ମା ମୋର ସଂତାପିତ, ଶୋକ ଜର୍ଜରିତ ।

କାହିଁକି ଆସେ ମନକୁ ଏତେ କଥା
କିଏ ଦିଏ ଏତେ ସୁଖ, ଏତେ ଦୁଃଖ
ସିଏ ଦିଏ ଏତେ ସବୁ
ସିଏ ସିନା ଜାଣେ ଏକା ତାହାର ଈଶ୍ୱର ।

Digitized by srujanika@gmail.com

ନାଟକର ବିଭିନ୍ନ ଦୃଶ୍ୟରେ

ଯେତେ ଥର ପୋକପରି ମୁଁ ଉଠିଚ ଉପରକୁ
ସେତେ ଥର ପଡ଼ିଚ ତଳକୁ
ଦିନ ଦିନ ବର୍ଷ ବର୍ଷ ବିତିଚ ମୋ ଦୁଃସ୍ୱପ୍ନରେ
ମୁଁ ଚମକିଚ ଆରସି ସାମ୍ନାରେ, ଦୁର୍ବଳ ଅତିଥି
ସବୁ ମୁଁ ସହିଛି ନଗୁଣ୍ଟିଆ ଦ୍ୱୀପଟି ଉପରେ
ଗୋଡ଼ହାତ ଜାକିଜୁକି ବସିଥିବା ପକ୍ଷୀଟିଏ ପରି ।

ଆଉ ନୁ' ନାହିଁ
ମୁଁ ସଂକୁଚିତ ମୋ ହାତ ଗୋଡ଼ ପରି
ଅଭିନୟ କରୁ କରୁ ମୁଁ ହାରିଚ ବହୁ ଥର
ଶତ୍ରୁକୁ ଦେଇଚି ଖଂଡା
ଅବିଶ୍ୱାସୀ ବନ୍ଧୁକୁ ମୁଁ ଦେଇଅଛି
ଆଶା ଆଉ ବିଶ୍ୱାସର ସଫେଦ ପୋଷାକ
ମୁଁ ବାଢ଼ିଚି ଅଂଜୁଳା ଅଂଜୁଳା ଲୁହ
ନିଷ୍ଠୁରର ଲୋମଶ ହାତକୁ
ଚିରା ପୋଷାକରେ ମୋର ଝୁଲୁଚି
ବିଂଦୁ ବିଂଦୁ ଲୁହ ଆଉ କୋହର କାହାଣୀ ।

ମରୁ ମରୁ ମୁଁ ବଞ୍ଚିଚ କେତେ ଥର
କେବେ କେବେ ଉଡ଼ି ଉଡ଼ି ଯାଉଥିବା ଶୁଖିଲା ପତ୍ରଟେ ପିଛେ
ମୁଁ ଧାଇଁଚ ପତର-ଗୋଟାଳି ପରି
କେଉଁ ଏକ କରୁଣ ଦୃଶ୍ୟରେ
ମୁଁ ସାଉଁଟିଚ ମୋ ଆଶାର ଟୁକୁଡ଼ା ଟୁକୁଡ଼ା ଚିଠି
ବିଛଣାରେ ଶୋଇ ଶୋଇ ସିସିଫସ୍ ଇଚ୍ଛା ପରି ମୁଁ ଗଡ଼ିଚ
ପାହାଡ଼ର ତଳକୁ ତଳକୁ
କବିତାର କପାଳରେ ମୁଁ ଦେଖିଚ ଫଟା ନିଆଶାର ଛବି
ସର୍ବହରା ବୃକ୍ଷଟିଏ ପରି ।

ମୁଁ ବାଣ୍ଟିଚ କେତେ ଥର ମୃତ୍ୟୁ ଗଂଧ
ଲୋକ୍ସକୋପ୍ସ ସେଟର ଶେଯରେ
ମୁଁ ଛଡ଼ିଚ ମଶା ମାଛି ମୋ ଦେହରୁ
ପ୍ରାଣହୀନ ଦୁର୍ବଳ ହାତରେ ।

ନୟାପାଦ/୮୯

Digitized by srujanika@gmail.com

ନା ବଦଳେ ଭାଗ୍ୟ ନା ବଦଳେ ଋତୁର ଭୂଗୋଳ
ଝୁଂଟାଗଛ ଦଦରା ଡାଳରେ
ପହଂଚବ ପହଂଚବ ବୋଲି
ପହଂଚ ସାହନ୍ନ ପଣ
ଫୁଟିବ ଫୁଟିବ ବୋଲି ଫୁଟୁନାହିଁ ଫୁଲ ।
କିଏ ଜାଣେ, ଆଉ କେତେ ଜନ୍ମ ପରେ
ବଦଳିବ ଭାଗ୍ୟ ମୋର
କେତେଥର ନ କହିଛ
ତମେ ଆସ ଉଜ୍ଜ୍ୱଳ ରେଖାଟେ
ମୋ ହାତର ଅଲେଖା ଆଶାରେ
ତମେ ଆସ ହେ ମୋର ସବୁଜ ବର୍ଣ୍ଣର ଋତୁ
ତମେ ଆସ ସୁନାର ସକାଳ
ତମେ ଆସ ଆଶା ହୋଇ, ବର୍ଷା ହୋଇ
ତମେ ଆସ ବହୁଦିନ ଅପେକ୍ଷାର ଚିଠିଟିଏ
ବିଦେଶୀର କାତର ହାତକୁ
ତମେ ଆସ ଜଳ ଟୋପେ
ତୃଷାର୍ତ୍ତ ମଣିଷଟିର ମୁମୂର୍ଷୁ ପ୍ରାଣକୁ ।

ହେ ଦର୍ଶକ ବନ୍ଧୁ
ଦେଖଂନ୍ତୁ କିପରି
ମୁଁ ବୋହୁଚ ମରୁଭୂଇଁ ଶୋଷସବୁ ଓଠ ହୋଇ
ମୋ ଝଜର ବକଳ ପିଠିରେ
ଅବା ମୁଁ ବୁଲୁଚ ଏକା ଏକା ଅଂଧାରୁଆ ମଶାଣିରେ
ଲଗୁଆଲଟିଏ ହୋଇ
ମୁଁ କିବା ଖେଳୁଚ ଗେଂଡାଟିଏ ପରି
ପିଲାଟିର ଗଣିତ ବହିରେ
ଯେତେଥର ଉଠିଚ ମୁଁ ଉପରକୁ
ସେତେଥର ଖସିଚ ତଳକୁ
ଦେଖଂନ୍ତୁ ଆପଣମାନେ
ମୁଁ ଫେରୁଚି କେଉଁପରି ଅବନତ ମସ୍ତକରେ
ନାଟକରେ ଶେଷ ଅଂକ ବିଫଳ ଅଶ୍ରୁକୁ । □□

Digitized by srujanika@gmail.com

ନକ୍ସା

ରାସ୍ତାକଡ଼େ ବସିଥିବା ନଂଗଳାପିଲାର
ନେଂଜେରା ଆଖିରେ
ହଜିଯାଇଚି ଆକାଶର ସ୍ପଂଦ
ଗୋଟିଗୋଟି ଗଣି ହେଇ ଯାଇଥିବା
ପଂଜରା ହାଡ଼ରେ ଖଚିତ ହୋଇଛି
ଗୋଟେ ବିଷାଦ ରାଜ୍ୟର ଦୃଶ୍ୟ
ପ୍ରତିବାଦହୀନ ଏକ କଳା ଅବଶୋଷ ।

ଜଳିଯାଇଚି କଅଁଳ ପତ୍ରର ତ୍ୱକ୍
ନିଷ୍ଠୁର ଖରାରେ
କାଂଦିବାର ଅବଶିଷ୍ଟ ଲୁହଟିକ
ଶୁଖିଅଛି, ଜ୍ୟୋତିହୀନ ଅଙ୍କିତ ଆଖିରେ
ମୃତ୍ୟୁର କରୁଣଭାଷା ଫୁଟୁଚି
ଅଂଧାରର ମଳିନ ମୁହଁରେ
ନିଃଶେଷ ଆତ୍ମାର ସ୍ୱର
ଶୁଖିଶୁଖି ନିସ୍ତୁପ ରହୁଚି ଅବା ବିବର୍ଣ୍ଣ ଓଠରେ ।

କାହାର ଏ ଶୋକର ବିଶିକେଶନ କାହାକୁ ଝୁରୁଚି ବସି
ବାହାରେ ପଡ଼ିଚି ତା'ର ହନୁହାଡ଼
ଆଖି କୋରଡ଼ରେ ମୃତ୍ୟୁ ଜଗିଅଛି ଅନିଦ୍ର ପ୍ରହର
ଧର୍ମର ଅଇଁଠା ପତ୍ରରେ ଲେଖା ଯାହାର ଏ ଜୀବନ ଜାତକ
ଷଡ଼ଯଂତ୍ର ବ୍ୟୁହ ଭେଦ କରିବାକୁ ଶକ୍ତି କାହିଁ ତା'ର ?

ନିରୁପାୟ ସମ୍ରାଟ ତ ଅଂଧପଟି ପିଂଧି ଏଠି
ଖୋଜୁଛଂତି ସୁଖୀ ଭିକାରୀର କୁଣ୍ଡା
ଅସ୍ପୃଷ୍ଟ ସମସ୍ତ ଏଠି ନେତୃବର୍ଗ ଅନୁଗତ ପ୍ରଜା
ସମାଜ ପତିଏ ଏଠି ହିତବାକ୍
ହିତବାକ୍ ଯେତେସବୁ ମଣିଷର ସଂଜ୍ଞା ଆଉ ସତ୍ତା ।

ଶୂନ୍ୟ ହେଇ ସେ ବସିଚି ରାସ୍ତାକଡ଼େ
ବୈଶାଖର ଥୁଂଟାପ୍ରାଣ, ଶୁଷ୍କ ହାହାକାର
ଅବସ୍ଥବସାଗ ତା'ର କ୍ଷୁଧାର ଆତୁର ଚିହ୍ନ
ଈଶ୍ୱର ତ ତା ଦୃଷ୍ଟିରୁ କେବେଠୁ ଫେରାର୍ । □□

ନିଷ୍ଠପାଦ/ଶାଙ୍କ

Digitized by srujanika@gmail.com

କ୍ରଂଦନ!

ସଂସାରର ନିଃସ୍ୱ ଆଖି
ଲୁହ ଜରଜର
ଜୀବନର ସ୍ୱର ଶୁଭେ
ଝର ଝର ନିସ୍ତ ଓ କାତର
ଗାଁ ଦାଂଡ ଦଣେ କବା
ମଶାଚକା ଝଲମଲ
ଲୁହ-ଛଲଛଲ ।

ବଡ଼ କରୁଣ କରୁଣ ଶୁଭେ
ବୈଶାଖର ଧୂସର ଗୀତର ସ୍ୱର
ଝୁରିଆଡ଼େ ବଫଳତା
କର୍କଶ ମରୁଡ଼ି ଖରା
ହୁରୁହୁରୁ ନିଃସଂଗ ଆକାଶ
ଜଳିମଳି ଯାଉଥିବା ଦୀର୍ଘଶ୍ୱାସ
ହା-ହୁତାଶ, ହତାଶା ଓ ଲୁହ ।

ମାୟାଚ୍ଛନ୍ନ ଏ ସଂସାର ।
ସବୁ ମିଛ, ଯେତେସବୁ ମୋହ ଓ ବଂଧନ
ଝଁରିପଡ଼େ ଜୀବନ ବୃକ୍ଷରୁ ପତ୍ର
ନିଃଶ୍ୱାସ ବାସଇ କେବା ମୃତ୍ୟୁପର
ପବନର ସ୍ୱରଶୁଭେ
ଝର ଝର କରୁଣ କରୁଣ ।

ଏ ଗ୍ରାମର ନିଭୃତ କୋଣରେ ଯେଉଁ ହାହାକାର
ତାହାକୁ ଇ ଝୁରିହୁଏ ଯୋଗୀ
ଖଗର କଂଠାରେ ଭିଜ ପବନର ଗ୍ରୀଷ୍ମ
ଝର ଏକେଲା ଏକେଲା ଲାଗେ
ନିଃସଂଗ ଖଗର ଏଇ ଦ୍ୱିପ୍ରହର
ଲୁହ ଗଢ଼େ ଲୁହ
କ୍ରଂଦନର କାତର ହୃଦୟ ଭରା
ଅବଶୋଷ, ଅବସାଦ
ଅଂତଃହୀନ କୋହ । □□

Digitized by srujanika@gmail.com

ଗାଈ

ଦୂରବଳ ମଶାଣି ସେପଟୁ ଗୋଟେ ଗୋଟେ ଝୁଲଝୁଲ
ଗ୍ଳେଷ୍ଟୀ ଗାଈଟିଏ ଆସେ
ବାଟଭୁଲି ଠିଆହୁଏ କୁବ୍ଜା ଶୂନ୍ୟତା ନେଇ
ପରିତ୍ୟକ୍ତ ଏ ମାଟିର କଠିନ ପିଠିରେ
ବେଲବୁଡ଼ି ସଂଜଆସେ ଏକୁଟିଆ ନକ୍ଷତ୍ର ଆଖିରେ
ଶୁଖିଲା ପତ୍ର ଉପରେ ଖସ୍‌ଖସ୍ ପାଦ-ଶବ୍ଦ
ଦଣଦଗ ଦଣେ ଶୂନ୍ୟଶୂନ୍ୟ

ନିଶାଖା ବୃକ୍ଷର ଡାଳେ ଥମିଯାଏ ଉତ୍କଂଠ ପବନ
କିଏ ଜାଣେ କ'ଣ ସିଏ ଖୋଜୁଥାଏ ନାଁ ବାଟ, ନାଁ ଘର
ନାଁ ପୃଥିବୀର ଲକ୍ଷଶତ ଲୁହବିଂଦୁ
କରୁଣା ଓ ବିଶ୍ୱାସର ଭଗ୍ନାଂଶ ଟିକକ ?

ସେ ଗାଈ ଆସି ଠିଆହୁଏ ଦେହଳି ମୁହଁକୁ ଚାହିଁ
ତା' ଆଖିରେ ଦୁଇଧାର ନଈ
ପିଠିରେ ବଚଣ କ୍ଷତ, ଦେହରେ ଆଂଚୁଡ଼ା ଦାଗ
ପିଠିଘଷେ, ଲାଂଜପିଟେ
ଅଂଧାରରେ ଆଖି ଲୁହ ଚକ୍ ଚକ୍ କରେ ।

ମୁଁ ଯାଏ ଆଉଁଷିବାକୁ ଦେହ ତାର କହିବାକୁ ପଦେ ଅଧେ କ'ଣ
ମୋ ଭିତରୁ ଦୀର୍ଘଶ୍ୱାସଟିଏ ଛୁଟିଯାଏ ଗଛଛୁଇଁ, ପତ୍ରଛୁଇଁ
ଅଂଧାର ଓ ଆକାଶକୁ ଛୁଇଁଛୁଇଁ ଯାଏ ।
ମୁଁ ଦେଖୁଚି ପୃଥିବୀର ଚିରାଶାଢ଼ୀ, ମରୁଡ଼ି ପୀଡ଼ିତ ଆଖି
ଶୁଷ୍କ ନଦୀ ଓ ମଳିନ ଜହ୍ନର ପାପୁଲି
କେହିଜଣେ ଦରିଦ୍ର ଦେବତା ମଲ୍ଲିକଦମ୍ବ ଗଛରେ ବଜାଏ ବଇଁଶୀ
ବଂଶୀରୁ ଝରୁଚି ଲୁହ
ଅଂଧାରରେ ମୁଁ ଯେନ୍ତେ ପଢ଼ିଚି ଏଠି ନଈକୂଳେ
ଶୂନ୍ୟ ମାଠିଆଟେ ପରି
ଛନ୍ଦ ଛନ୍ଦ ଅତୃପ୍ତ ଗୀତରେ ମୁଠେଇଚି ମୁଠେ ପ୍ରଳୟର ମାଟି
ଦେହତରୁ ହାଡ଼ ମାଂସ ଜାକିଜୁକି ମୁଁ କାଂଦୁଚି
ଓ ନିଶାଚର ପକ୍ଷୀଂକର ବଦ୍ରୁପରେ ଶିହରଣ ଉଠୁଚି ।

ମୁଁ ଦେଖୁଚି ସେ ଗାଈର ଆକ୍ରାମାକ୍ରା ଆଖିପତା
କାଂଦୁଚଂତି କୋଟିଏ ଦେବତା

Digitized by srujanika@gmail.com

ସେ ଲୁହରେ ଦେଖୁଛି ମୁଁ ବହୁଳାର କାତର ଚାହାଁଣି
ଗତର ହାତ ପାପୁଲି ଆଉଁଷୁଛି ପଲିତ ପଞ୍ଜର ପିଠି
ଭିକାରୁଣୀ ଲେଂକେଜର ଆଖିରେ ମଉଳୁଛି କୁଳୁକୁଳୁ ନଈ
ପୁନଶ୍ଚ ଆସୁଛି ଯେମନ୍ତ କୋଟିକୋଟି ଜରାବ୍ୟାଧି ମୃତ୍ୟୁର କଂପନ
ଗୁଣ୍ଡୁଗୁଣ୍ଡୁ ମହାଶୂନ୍ୟ, କଳାଜହ୍ନ, ଗୋପବୃଂଦାବନ
ପଛରୁ ଦିଶୁଛି ଏକ ଦଗ୍ଧଜହ୍ନ, ପୋଡ଼ିଜଳି ଯାଇଥିବା ଟଛବୃକ୍ଷ
ହିରୋସୀମା, ନାଗାସାକୀ କଳା ଚିତ୍ରପଟ ।

ହଠାତ୍ ଶୁଭୁଛି ବେରୁଟ୍‌ରେ ବୋମାମାଡ, କରୁଣ ଚିତ୍କାର
ମଣିପୁର ଗଗବେଷ ଲୁହ, ଲହୁ ଦୀର୍ଘଶ୍ୱାସ ଏକାକାର
ଏକାକାର ଶୂନ୍ୟହାତ, ବିଜୁଳି ବତାସ
ଲୁହରେ ଲୁହରେ ଖସେ ଇତିହାସ
ଦୁଃଖରେ ଦୁଃଖରେ ଖସେ ଇରାକ୍ ଓ ଇରାନ୍‌ର କରୁଣ ନିଃଶ୍ୱାସ
କାଂଦକାଂଦ ଦଶାଦିଗ, ଧୂଳି ଏବଂ ଧୂଆଁର ଆକାଶ ।

ମଇଲା ନର୍ଦ୍ଦମାପରି ବାସୁଛି ଏ ପୃଥିବୀର ଘା'
ଶୁନ୍‌ଶାନ୍ ମଂଦିର ମସଜିଦ୍
ଅକସ୍ମାତ୍ ମୁଁ ଦେଖିଲି କେହି ନାହିଁ ମୋ ପାଖରେ
ଏପରିକି ନୀରବତା ନାହିଁ
ଆଖିରେ ଆଖିଏ ଲୁହ ଗାଢ ତ ଟର ଅଂଧାର
ସେ ଅଂଧାର ଅର୍ଗଳରେ
ମୁଁ ଦେଖୁଛି ବିକଳାଂଗ ଇତର ଅଂଚଳ ସବୁ
ପୃଥିବୀର ସ୍ୱପ୍ନ ଯେତେ କହିଁ କହିଁ କାଂଦୁଛଂତି ଏକାଏକା
କଳାବର୍ଣ୍ଣ ଏ ମାଟିର କଠିନ ପିଠିରେ ।

ରକ୍ତ ମଂଦାର ଗିଧ ଗୃଧଅଡ଼େ ଘେରିଗଲେ ବୃକ୍ଷଡାଳେ
ଜହ୍ନର ନିଃଶ୍ୱାସଯାଏ ବୁହାହେଇ
ମେଘଂକର ପଟାପଟା ମଇଁଷି ପିଠିରେ

ମୋ ଗାଆଁର ଉପାଂତରେ ନିଆଁ ଓ ଧୂଆଁର ଶେଷ ଅଶ୍ରୁ ଚିହ୍ନ
କଂପୁଅଛି କାଂଗାଳୁଣୀ ବିକଳାଂଗ ଲୁହହେଇ
ଅଂଧରାତି ଅଂଡାଳୁଛି ପୃଥିବୀର ନଷ୍ଟଗ୍ରହ ମଂଦିର ଚଟାଣ
ଉଡ଼ୁଛି କାଳ ଛଂଗୁଣ କପୋତର ଛିନ୍ନପକ୍ଷ
ଥୁଂଟା କଦଂବ ଡାଳରେ ଶ୍ୱେତବର୍ଣ୍ଣ ମଳଜହ୍ନ
ବଇଁଶୀର ନିଶବଦ ସ୍ୱନ । □□

Digitized by srujanika@gmail.com

ଅଗ୍ନିସ୍ନାନ

ଆତଂକରେ କଂପିଉଠୁଛି
ଭାରତବର୍ଷ
ଜଳୁଛି ନିଆଁର ଆଖି
ଉତପ୍ତ ସୂର୍ଯ୍ୟର ହାତ
ଜଳୁଛି ଏ ଗଛବୃକ୍ଷ, ନଦୀ ଓ ନିର୍ଝର
ଲୁହଜଳୁଛି ଫୁଲ ଏବଂ ସଗୀତର ଦୀର୍ଘଶ୍ୱାସ
ପିଶାଚ ଆଖିର ନିଆଁ ପୋଡ଼ିଦଉଛି
ଆର୍ଦ୍ର ଆଖିର କଅଁଳ ଗୋଲାପ
ଜଳିଯାଉଛି ସ୍ତୂପସ୍ତୂପ ମେଘ
ଓ ସବୁଜ ଗୀତର ଛଂଦ, ଭାତର ଆକାଶ ।

କିଏ ଶୁଣୁଛି କାହାର ଅଭିମାନ ବା ଅଭିଯୋଗ
ସଂତ୍ରାସବାଦରେ ଜଡ଼ସଡ଼ ଦେଶର ଏ ଭାଗ୍ୟ
କଂପିଉଠୁଛି ନିର୍ଦ୍ଦୋଷ ମଣିଷର
ଶୂନ୍ୟଆଖି, ହତାଶାର ଓଠ
ରକ୍ତରେ ରକ୍ତରେ ଜୁଡୁବୁଡୁ
ତୁଳି, କାଳି, କଲମ, କାଗଜ
ଦଳି ମକଚି ଯାଉଛି ଶିଶୁର ଦନ୍ତୋଟି
ସଢ଼ି ଯାଉଛି ସ୍ନେହ ପ୍ରେମ ଅଭାବର ମାଟି
ଭାରତର ଭାଗ୍ୟ ଦେଶେ ବପର୍ଯ୍ୟନ୍ତ ଏହିପରି :
କେହି ଜଣେ ନିଷ୍ଠୁର ସଂତ୍ରାସବାଦୀ
ନିରୀହ ମଣିଷଟିକୁ ଗଛଡାଳରେ
ଫାଶୀରେ ଝୁଲାଇ ଦେଲାଣିତ
କେହି ଜଣେ ଗୁଳିଗୁଳାରେ
ନିଶ୍ଚିହ୍ନ କରି ଦେଲାଣି
ପିଲା, ସ୍ତ୍ରୀ, ବୃଦ୍ଧ, ପରିବାର
ସାହା ଓ ଭରସାହୀନ ଗୋଟିଗୋଟି
କରୁଣ ମୂର୍ତ୍ତିମାନ, ଲୁହ ଜଡ଼ସଡ଼
ଭାସିଆସୁଛି ଅଗଣିତ ବିନାଶର ହାହାକାର
ଧୂଆଁ ଭର୍ତ୍ତି ପବନ ଓ
ଲହୁ, ଲୁହ, ବିକଳ ଚିତ୍କାର ।

Digitized by srujanika@gmail.com

ସେଠି କାଶ୍ମୀରର ଅଂତର୍ଘାତକଂକ
ଦାରୁଣ ହିଂସାକାଂଡରେ ଛନ୍‌ଛନ
କଅଁଳ ଛନ୍‌ଛନ୍ ସବୁଜ ଜୀବନ
ଟେକାପଥର ମାଡ଼ରେ ଶୁଭୁଅଛି
ବ୍ୟାକୁଳ ଅସ୍ମିର ଡାକ, ଭୟାର୍ତ୍ତ କ୍ରନ୍ଦନ
ଏପଟେ ଶିହରି ଉଠୁଚି ଆସାମର ଗଗନ ପବନ
ତା'ର ମୁଲାଏମ ଦେହ ଆଜି ପୋଡ଼ିଜଳି ଛାରଖାର
ଭୟାର୍ତ୍ତ ପର୍ଯ୍ୟଟେ ପରି ଥରହର
କୋକରାଝାରର, ଦାରଂଗର ନିଭୃତ ହୃଦୟ
କାହାକୁ ଶୁଭୁଚି ତାର ଆକୁଳ ଆହ୍ୱାନ ଆଜି
ପୋଡ଼ାଜଳା, ଭଂଗାରୁଜା, ହିଂସାକାଂଡ
ବିକଳ କାଂଦଣା ସ୍ୱର
ଭୟାନକ ବୋମାବିସ୍ଫୋରଣ ।

ସାରାଦେଶ ଆଜି ଶୋକାଚ୍ଛନ୍ନ
ତା'ର ଆକୁଳ କ୍ରନ୍ଦନ ଆଜି ନିରର୍ଥକ
ସେଦିନତ ମିରଟ୍‌ର ମନୋଜ୍ଞ ହୋଲିଉତ୍ସବ
ପରିଣତ ହୋଇଗଲା ରକ୍ତର ହୋଲିରେ
କାହିଁକି ଏ ଅଗ୍ନିର ତାଂଡବ ନୃତ୍ୟ
ଗୁଳିଗୁଳା ବନ୍ଧୁକ ବାରୁଦଗଂଧ
ପୋଡ଼ାଜଳା, ନିଆଁ ଓ ପାଉଁଶ
ଅସହ୍ୟ ଅଗ୍ନିର ଚିରୁ ସବୁଠି ବ୍ୟାପିଚି ଆଜି
ଭସ୍ମାଚ୍ଛନ୍ନ କରୁଣ ଅର୍କେଷ୍ଟ୍ରା ଆଜି ସବୁଠିଶୁଭୁଚି
ନରକର ଦୃଶ୍ୟ ଆଜି ଜୀବନ ଓ ସମୃଦ୍ଧିକୁ ଆଟବାଉଚି
କ'ଣ ହଜି ଯାଇଚି, ମଉଳି ଯାଇଚି
ସ୍ନେହ, ପ୍ରେମ, ଏକତା ନା ମୈତ୍ରୀ
ନା ଆଉ କିଛି
କେଉଁ ଏକ ସର୍ବଗ୍ରାସୀ ନିଶା ଆଜି
ଅହଂକାରୀ ଜୀବନକୁ ଆଚ୍ଛନ୍ନ କରିଚି ?

ଭାରତର ନିଃସ୍ୱ ଆଖି
ଲୁହର ବିଛଣାଟିଏ ବିଛେଇ ଦେଇଚି

Digitized by srujanika@gmail.com

ଗୀତ ଓ ଦିବସ ଭରି ବିଚିତ୍ର କରୁଣ ସ୍ୱର
ଶୋକାକୁଳ ଆକାଶୁଁ ଝରୁଛି
ଯେତେବେଳେ ବର୍ଗଦାରେ
ବିଷାକ୍ତ ମଦ୍ୟପାନରେ
ଶହଶହ ଲୋକ ମରୁଥାଂନ୍ତି
ସେତେବେଳେ ଜଳୁଥାଏ ବିହାରର ସିଂହଭୂମି
ପଂଜାବରେ ପ୍ରବାହିତ ହେଉଥାଏ
ରକ୍ତର ନଦୀ
ଓ ସାରଦେଶରେ ଲୋତକର ନଦୀ । □□

Digitized by srujanika@gmail.com

ପଂଜାବ

ଜଳୁଅଛି ସଂହଣାର ଜଉଘର
କ୍ରୋଧପର ଲଲ୍ ଦ୍ୱିପ୍ରହର
ହୁରୁହୁରୁ ନିଆଁ ଧୂଆଁ, ଲୁହର ଅଂଧାର
ନବତା ଦୁଃଖରେ ଜଡ଼, ଉରକୁଳା କରୁଣ କାତର
ବିବର୍ଣ୍ଣ ମଳିନ ମୁହଁ, ଗଦାଗଦା ଶୂନ୍ୟତା କେବଳ ;

ଗୁଳିଗୁଳା ରକ୍ତରେ ଜଳୁଚି ଭୂଇଁ
ପୋଡ଼ି ଜଳି ଯାଉଅଛି ନିଷ୍ପାପ ମଣିଷ ଗୁଡ଼
ଆଖି, ଓଠ, କଅଁଳ, ପାପୁଲି
ହଜି ହଜି ଯାଉଅଛି ମମତାର ସବୁଜ ସବାଗ ଗୁଇ
ଶୁଖିଶୁଖି ଯାଉଅଛି କ୍ଷୀଣହ୍ରଦ, ହୃଦୟର ନଈ ।

କାହାର ଏ କୋପାନଳ ? କ'ଣ ପାଇଁ ଅଘଟଣ ?
ରକତର ହୋରିଖେଳ, ଚହଚହ ନିଆଁ ଓ ପାଉଁଶ ଫୁଲ
ପୋଡ଼ାମାଟି, ପୋଡ଼ାଘାସ, ଶୋକଶ୍ୱାସ, କରୁଣ ଚିତ୍କାର
ଫୁଲ୍‌ଂକର ଅପମୃତ୍ୟୁ, ରେରେକାର, ହାହାକାର
ଖାଁ ଖାଁ ଅସତ୍ୟ ସହର
ବୋମା ବିସ୍ଫୋରଣ ଶବ୍ଦ, ଅସୁରର ଅଟ୍ଟହାସ୍ୟ
ଧକଧକ ବିମର୍ଷ ସକାଳ ।

କେଉଁଠି ଉଦ୍ଧତ ହାତର ଫଣା, ବଂଧୁକର ଆଖି
ଆତତାୟୀ ବିଷହାତ, ବିଶ୍ୱଶିଖା,
ଉଦ୍‌ଭ୍ରାଂତ ନିଶାସକ୍ତ ରାତି
କେଉଁଠି ଗୁଳି ତ କେଉଁଠି ମୂର୍ଦ୍ଧାର
କେଉଁଠି ବାରୁଦ କୋଠି, ଷ୍ଟେନ୍‌ଗନ୍ ରିଭଲଭର
ଦେଶୀ ଆଉ ବିଦେଶୀ ପିସ୍ତଲ
କେଉଁଠି ଦଂଗା ତ କେଉଁଠି ଦୁଃଖ
କେଉଁଠି ବିଷ ବୃକ୍ଷତ, ରକ୍ତସ୍ନାତ କରୁଣ କବଂଧ
ହତ୍ୟା ଓ ଲୁଟ୍‌ତରାଜ, ଅସମାପ୍ତ ନୃଶଂସ ଆକ୍ରୋଶ ।
ମଣିଷ ଶିକାରୀ ଆଜ ମଣିଷର
ରାସ୍ତାକଡ଼େ ଆରତ ପ୍ରାଣୀଙ୍କ ଲୁହ
ଶବ ମାଳମାଳ

Digitized by srujanika@gmail.com

ମଲୟର ଆକାଶରେ ଧୂଳିମାଟି ଧ୍ୱଂସର ଅଂଗାର
ରକ୍ତ ଜୁଡ଼ୁବୁଡ଼, ମାଟି, ବୃକ୍ଷଲତା ଲାଲ୍ ସରସର
ଶେଷ ନାହିଁ ଆତଂକର
ପବନର ଅନ୍ତସ୍ଥଳ ବିଳାପ ଓ ଭଂଗା ଭଂଗା ସ୍ୱର
ମୁଖା ପିନ୍ଧି ଘୂରି ବୁଲେ ସଇତାନ ବିଷ ହସ, ବିଭତ୍ସ ବିକାର ।

ଏଇ କ'ଣ ଜଂବଦଂଶ ମଣିପୁର, ମଣିଷ ଜାଗର !
ଟପ ଟପ୍ ଲୁହ, ଲହୁ ବିକଳ ସମ୍ପର୍କ ଖାଲି
ଖଂଡ ଖଂଡ ବିକ୍ଷତ ମନ ଓ ହୃଦୟ
ନିଆଁର କରୁଣ ଖେଳ, ଅସ୍ଥିର ଆର୍ତ୍ତନାଦ
ଅଂଧାର, ବିଷାଦ କୋହ, ଆଖିପତା ଲୁହ ଛଳଛଳ ।

ଜଳୁଛି ଅମୃତସର, ଜଳୁଛି ପଂଜାବ
ଜଳୁଛି ନନ୍ଦାସ ଭୂଇଁ, ନିଃସଂବଳ ନିର୍ମେଘ ଆକାଶ
ଜଳୁଅଛି ଜଳସ୍ଥଳ ନୈଋତ ଆକାଶ
କେତେ ନିଷ୍କରୁଣ ଦୃଶ୍ୟ
ଦାରୁଣ ବିଷାଦ ସମ ମନପ୍ରାଣ
ସ୍ୱପ୍ନର ବେକକୁ ହାତ୍ତ ଲଂବିଆସେ ଚକ୍ ଚକ୍ ଖଣ୍ଡା ର କୃପାଣ
ଆଖି ପିଛୁଳାକେ ଏଠି ଚହାଂଡଟେ, ବିସ୍ଫୋରଣଟିଏ

ହତ୍ୟାର ମସୁଧାଟିଏ ଗଛଡାଳ ଗଜ୍ଜଲ ଓ ପ୍ରାର୍ଥନା ସଙ୍ଗରେ
ବ୍ୟାଂକ୍ ଲୁଟି, ଗଣହତ୍ୟା ଦିନ ଦିପହରେ
ମୃତ୍ୟୁର ଚରମପତ୍ର ଘୂରିବୁଲେ ଲହୁ ଲୁହ ଗଳି ଅର୍ଗଳରେ
ଜଳିଉଠେ ଦାବାନଳ
ବିଷାକ୍ତ ପବନ ଖାଲି, ନଷ୍ଟ ଭ୍ରଷ୍ଟ ସଂସାର, ପ୍ରଳୟ
ମଣିଷର ନିଃସ୍ୱ ଭାଗ୍ୟ, ଶୁଷ୍କ ପ୍ରାଣ, ହୁ ହୁ ଶୂନ୍ୟ ହାହାକାର
ମୃତ୍ୟୁର ବୀଭତ୍ସ ହାତ, ରକ୍ତ ସାଲୁବାଲୁ ପାଟି
କେତେଦେଲେ ତା' ଭିତରେ ହଜିଯାଂତି ବୈଦ୍ୟ କମାକେନ୍
ମୁକ୍ତେଶ୍ୱର ଦର୍ପଣରେ ଲିଭିଯାଏ ତେରଗୋଟି ଭଂଗାଘ୍ରାଣ
ନିଷ୍ପାପ ଜୀବନ ।

ଗହଗହ ଲୋକମେଳ, ହାଟଟି ପାଲଟିଯାଏ ମୁହୂର୍ତ୍ତିକ
ଅଂଧାରର କଂଟାବଣ, ଆଠଗୋଟି ଶବର ଶ୍ମଶାନ
ଅନେକ ଅନେକ ଲୁହ, ଅନେକ ଅନେକ ଶ୍ରୀଦ୍ଧ,

Digitized by srujanika@gmail.com

ଅନେକ ଅଂଧାର

ଝଁଶପଡ଼େ ଖୁଦାଗ୍ରାମ ପଣତରେ ବେଦନା ପଚଶ୍ଟି ହାହାକାର
ମିଟିମିଟି ଜ୍ଳୁଜ୍ଳୁ ବେଦନାନିଷ୍ଟଳ ଆଖି, ମୁହଁଭର୍ତ୍ତି ଲୁହ
ଦାରୁଣ ନଟସଂହାର
ଜଳିଯାଏ ସାମ୍ବାଦିକ ଲେଖାରେ ନୀରବ ଚିତ୍କାର ।

ପଂଜାବ ଜଳୁଚି ନିଜ ଦୀର୍ଘ ନିଃଶ୍ୱାସରେ
ଗୁଳିଗୁଳା ଧୂଆଁ ପାଉଁଶରେ
ଖଣି ଖଣି ଆବର୍ଜନା
ଅଂଧାରର କଂଠ ଫଟା ବିକଳ ଚିତ୍କାର ଶବ୍ଦେ
ପ୍ରତିଦିନ ରକ୍ତ ଆଖି ଉଦିତ ସୂର୍ଯ୍ୟରେ
ମଣିଷର ଆଶା, ଭାଷା ସୁବର୍ଣ୍ଣ ସ୍ୱପ୍ନର ଭୂଇଁ
ପୋଡି ହୋଇ ପଡ଼େ ସବୁ
ବେଦନା ବିରୂପ କ୍ଲାଂତ
ଧୂଳି ପଟଳରେ । □□

Digitized by srujanika@gmail.com

ଚୁପ୍‌ଚାପ୍ କବିଟିଏ

ହାତଭଂଗା ଚଉକିର ନିର୍ଲିପ୍ତ ଗୃହରେ
ଗୋଟେ ଆକୁଳ ଏପ୍ରିଲ୍
ଶୁଖିଲା ୦ ୦ ଖସଡ଼ାରେ
ଗ୍ରୀଷ୍ମନ ପ୍ଲଟଟିଏ ଆସୁଛି, ଯାଉଛି
ଘର ଖାଲି, ଦାଂଡ ଖାଲି
ଝାଳରେ ଝାଳରେ ଜୁଡ଼ୁବୁଡ଼ୁ
ଅବସନ୍ନ କବି ।

କଉଁ ଫେଣ୍ଟବାଲ୍ସ ସମସ୍ତର ଅପେକ୍ଷାରେ
ଜଳୁଅଛି ସ୍ନାୟୁର ସହର
କବି ଚୁପ୍‌ଚାପ୍
ମୁହଁସାରା ଅଲଗା ଅଲଗା ଝାଳ
ଛାଂଟି ଅଠା ଅଠା
କବି ଏକା ଏକା ଲୁଆଟିଏ ପଣ
ଲେଖକୋଷ୍ଠ କାଗଜ ଉପରେ
କଲମଟେ ପଣ
ଅଳିଆ ଗଦା ଉପରେ
ଉଷ୍ଣଉଷ୍ଣ ଦୀର୍ଘଶ୍ୱାସ ପଣ ।

ଅଭିଶପ୍ତ ନୀରବତା
ଶହର ପଂଜୁରୀ ଭିତରେ
କବି ଦଶେ ଏକା ଏକା ନିଷ୍ଫଳ, ନିଶୂନ ।

କବି ଶୁମ୍‌ମାଣ ବସିଛି ଯେ ବସିଛି
ଜଳୁଛି ଏକେଲା ଗୃହ, ଏକେଲା ହୃଦୟ
ଏକା ଏକା ପତ୍ରଟିଏ ଡାଳରୁ ଖସୁଛି
ନଈର ଶୋଷ ଉଡ଼ୁଛି ସନ୍ ସନ୍ ପବନରେ
ବଗିଚାରେ ଗୋଟେ ଋତୁ
ଗୋଟିଏ ଏପ୍ରିଲ୍ । □□

Digitized by srujanika@gmail.com

ନଈକୂଳ

କେତେବେଳେ ଜହ୍ନ ତ କେତେବେଳେ ଅଜସ୍ର ଆକାଶ
କେତେବେଳେ ତାରା ଝିଲିମିଲି ପାଣି
ନଈବନ୍ଧି, ଝଉଁଗାତ, ଦୁଃଖର ଉହ୍ମୁଡ଼ି
କେତେ ଉପରର ନଈ ଆକାଶରେ ଯେମିତି ବକୁଳ
ଧାଇଁଥାଏ ଅଂକାବଂକା ସଡ଼କରେ ସାପପରି ଆଁକୁ ବାଙ୍କୁ ଦଶେଣ ବାଟ
ଛୁଟନ୍ତି କେତେ ବାନ୍ଧି ଶୋଷର ଖାପାଳି ।

ନଈପୂର୍ଣ୍ଣି କେତେ କେତେ ଅମାବାସ୍ୟା ଲୁହଧାର
ଯୋଗୀର କେଂଦରା ପରି ସଂଗୀତରେ ପଡ଼ଇ ଉଚ୍ଛୁଳି
ନଈ ବନ୍ଧେ ସ୍ୱର୍ଗକୁ ଅଦେଖ ଦୁଇପାଖେ ଦୁଇକୂଳ
ଈର୍ଷା ଆଉ ଅବଶୋଷ ସଂଦେହ ସକାଳ
ଦୁଇପାଖେ ବାଲିରେ, ମଲା ଗେଂଡ଼ା
ଭଂଗା ଶାମୁକା ବିଛଣା କଂଟାବଣା ଉଚ୍ଛୁଳ ନିଶ୍ୱାସ ।

ବାଟ ଅବାଟ ନମାନି କେତେଦୂର ବାଟଯାଏ
କେବେ ତାର ଶୋଷ ଧରି ଧାଇଁଥାଏ
ଦେହସାରା ବାଲି ମାଟି, ପଂକ କାଦୁଅର ଗଂଧ
କେତେ ଦୁଃଖ, କେତେ ବାଟ କେତେ ଯେ ଜଂଜାଳ
ଅସ୍ତବ୍ୟସ୍ତ ଦେହମନ କୁଳୁକୁଳୁ କୋଳାହଳ
ଦୁଇପାଖେ ଆତଂକିତ କୂଳ ।
ଧସାମାଟି ଧସାବାଲି ଆକୁଳ ବିକଳ
ଛଳଛଳ ସଂଗୀତରେ ଭାସୁ ଭାସୁ
ଜହ୍ନା କଳାପାରେ ବାନ୍ଧି ନଜର ତଳ ଅତଳ
ଦୂରର ସମୁଦ୍ର ଦିଶେ ଅଂଧ ଆଲୁଅରେ ଫିକା
ଖରୁ ଖରୁ ସରିଆସେ ବେଳା

ସେ ନଈରେ ଗୋଟେ ଉତ୍ତୁ ଗୋଟିଏ ସ୍ପନ୍ଦନ
ବେଳେବେଳେ ଭ୍ରମରେ ମୁଁ ଖୋଜେ ଓ ଅଂଡ଼ାଳେ ପାଣି ବାଲି
ମୁଁ ଅଂଡାଳେ ଦେହ ମୋର ଆତ୍ମା ମୋର
ଟିକିଟିକି ନକ୍ଷତ୍ର ମାଛ ଆଖିରେ ମୁଁ ଦେଖେ ଚେଇଁର ବିକଳ ମନ
ଗର୍ଭିଟିଏ ଦାରଂଦାର ଲୁଚକାଳି ଖେଳେ ।
ଯାହାକୁ ଦେଖଇ ଜଳେ ତାକୁ ପୁଣି ଦେଖଇ କୂଳରେ । □□

Digitized by srujanika@gmail.com

କୋଇଲ

ଏବେ ଆଉ ସ୍ୱପ୍ନ କାହିଁ ?
ଏଣିକି ମୁଁ ଆପଣାର ଲୁବ୍ଧ ଭ୍ରୂଣ
ଶୁଖିଲା ମାଟିକୁ ଖାଲି ଢଂଚାଉଛି
ଏବେ ଖାଲି ଅବସଂତ ନଈ ଚୋଟା
ଝଂସ୍ୱପଣ, ଭଂଗା ଆର୍ଶି
ମନଓ୍ୱଣା ଅଭିମାନ, ଶ୍ୱାସରୁଦ୍ଧ ବାଲି
ଏବେ ଖାଲି ଦୁଃଖର ଅନଂତ କାଳ, ବିଫଳ ଲଗ୍ନର ଛବି
ଶୂନ୍ୟ ହାତ, ଭଂଗା ମନ, ରଂଗହୀନ ତୁଳୀ ।

ମୁଁ କିବା ଯାଯାବର ଦୀର୍ଘଶ୍ୱାସ
ସ୍ୱର୍ଗକୁ ନର୍କକୁ ସବୁ ନିକଟ ମୋ ବାଟ
ଆକୁଳ ବିକଳ ସବୁ ମୋ ଦେହର
କ୍ଷିତି, ଅପ୍, ତେଜ, ମରୁତ ଓ ବ୍ୟୋମ
ନିଃଶ୍ୱାସରେ ଧୂଳି ଝଡ଼, ବହ୍ନି ତାପ
ନିଭିଛି ଅମୃତ ସ୍ୱପ୍ନ ମୋ ଓଠରୁ
ରକ୍ତରେ ଫୁଟୁଚି ନିଆଁ
ଶାଂତି କାହିଁ, ସରଳ ବିଶ୍ୱାସ କାହିଁ
ଗଦା ଗଦା ଶୂନ୍ୟତାରେ ଲୋଦ୍ଧୃତ ପବନ ବାଜି
ଜଳୁଚି ଉଦ୍ବେଗ
ସ୍ୱର୍ଗେ ଲାଗେ ମଂଚେ ଲାଗେ ଗଛର ଶୁଖିଲା ଡ଼ାଳ
ପବନରେ ବାସ୍ନା ନାହିଁ, ନଈରେ ସୁରଭି ନାହିଁ
ଅମ୍ବରର କାଳରଙ୍ଗ, ଈର୍ଷା ଆଉ ଅସୂୟାରେ
ଭଲ ପାଇବାର ଦୁବ କଅଁଳୁନ
ଆଗପରି ବହୁନାହିଁ ଆବେଗର କୁଳୁକୁଳୁ ନଈ ।

ମୋ ଆଖିରେ ହଜିବାର ନିର୍ଜନତା
ମେଷ ଶିଶୁ ଲୁହ ଓ ଲହୁଣି
ହାତରେ ଝୁଂଗୁଡ଼ି ଧରି ବଗିଚ୍ଛରେ ବୁଲୁଅଛୁ
ହତଭାଗା ଶ୍ମଶାନର ମାଳୀ
ହୁରୁହୁରୁ ଜନ୍ମୁଛଂତି ଗୁଇସବୁ

Digitized by srujanika@gmail.com

ନିଥର ନୀରବ ଯେପ୍ରେ ଗଛବୃଛ
କଉଁଠି କେମିତ ଜମ୍ମା ଫୁଲଟିଏ ନାହିଁ
ନୀରବତା ଚମକୁଚ
ପାଦତଳ ମାଟିରେ ଜଳୁଚ କଉଁ ଅଚିହ୍ନା ମହକ
ଆଖି ଆଗେ ଭବିଷ୍ୟତ,
ନିଃସ୍ୱ ଦିନ, ଉଦ୍ଦଣ୍ଡ ଲୁହ
ସଂଭାବନା କାହିଁଗଲା, କୁସୁମିତ ବସଂତ ଋତୁର ବାସ୍ନା କାହିଁଗଲା
କେଉଁଆଡ଼େ ଗଲା ?

କୋଇଲି, ବେଳ ନାହିଁ କଳ୍ପନାର ବଉଳା ଫୁଲରେ
ଛଂଦ ହେବାପାଇଁ
ଦୂରେ ଦୂରେ ଧୂଳି ଓ ଧୂଆଁର ସ୍ତୂପ
ଲେଖନୀରେ ଆଗଭଳି ଅନୁରାଗ ନାହିଁ
କେତେ ଲୁହ ଆସିଲା ଓ ଗଲା
ହେଲେ, ନିଷ୍କପଟ ଗୀତଟିଏ ବାହୁଡ଼ି ନଇଲା
ମୋ କୋଇଲି ।

ତୃଷିତ ନଈର ଆଶା କେଉଁଆଡ଼େ
ଘୋଷର ଘୋଷର ଯାଇ
ବନସ୍ତର କାଗଜରେ ଲୁହ ହୋଇଗଲା
ଉଦାସୀ ଉଦାସୀ ସକାଳ ଗୋଟେ ବୁଢ଼ା ମାଛ ପରି
ଅରମାରେ ବସି ବସି, ଆକାଶକୁ ଚାହିଁ ଚାହିଁ
ଲୁହରେ ଢଂଢଳା
ଜୀବନର ଏତେ ଇତିହାସ, ଅନୁଭୂତ କଉଁଆଡ଼େ ଗଲା
କେବଣ ପାନ୍ଥାଂଠ ଏଇ ଜଂଗଲକୁ
କରୁଣ ସ୍ୱରରେ ତାର ଧୋଇ ଦେଇଗଲା ?

କୋଇଲି ତୋ ଗୀତରେ ବାଂଧି ହେଇ ଦିନେ
ବସଂତର କବି ହୋଇଥିଲି
ନା କେବେ ଭଲ କରି ତୋ ଗୀତକୁ ବୁଝିଲି ଦିନେ
ନା କେବେ ଭଲକରି ଗୀତରେ ଭିଜିଲି ତୋର
ନା କେବେ ମୁକୁଳିତ ମନ ନେଇ ଗୀତରେ ମିଶିଲି ।

Digitized by srujanika@gmail.com

ମୁଁ ହଜୁଟିଆ ଅଲଗା ଲୋକଟେ
ଅଂଧାରରେ ଅଂଡାଳି ଅଂଡାଳି
ମୋ ଆଖିରୁ କେତେ ଲୁହ ସଣଗଲା
ଗୋଟିଏ ଋତୁରେ ଆସି ଦେଖାଦେଲା
ଅନାସକ୍ତ ସାତରଙ୍ଗୁ, ସପତ ବ୍ରହ୍ମାଣ୍ଡ ଲୋ କୋଇଲି ।

କୋଇଲି, ଏଇ ଦେଖ୍ । ଝାଳରେ ଝିଲ୍ଲିତ ଖଗ
ବାଲିରେ ଯାଉଛ ଶୁଖି ଝଲମଲ ନଈ
ଘଟଣାରେ ହାହାକାର, ନିଃସହାୟ ଫିକାମନ
ଦୁଃଖରେ ଦୁଃଖରେ ଆଜ ଅଧୀର ପୃଥିବୀ
କୋଇଲି ଲୋ ମନେପଡ଼େ, ତୋ ଗୀତରେ ଖୋଜଥିଲି ନଈ
ଖୋଜିଥିଲି ମିଠାବଂଶୀ, ଫୁଲର ସୁରଭି
ଖୋଜଥିଲି ଜନ୍ମସ୍ୱାଦ, ସହଜ ସୁଂଦର
କୁଆଡ଼େ ଗଲା ସେଦିନ
ଅଂଡାଳି ଅଂଡାଳି ସବୁ ଇତିହାସ
ଖୋଜ ଖୋଜ ସ୍ୱପ୍ନ ଦ୍ୱୀପ ମୁଁ ଆଜ ଅବସନ୍ନ
ମୁଁ ବସିଚ ଯେମିତିକ ଭଂଗା ମଂଦିର ଆଗରେ
ମୋ ଆଖିରେ ମାୟା, ଭ୍ରମ, ଭ୍ରାଂତି ଓ ଭଉଁସା
ଅଂଧାରର ଅନଂତ ଶୋକରେ ମୋ ବସା ଭାଂଗିପଡ଼େ
ନିସ୍ୱ କବି ପ୍ରାଣଟି ତରଳିଯିବାକୁ
ଆଉ କେତେବେଳ ଥାଏ ଲୋ କୋଇଲି ?

କୋଇଲି, କଂକାଳରେ ଜଳଜଳ ମୁକ୍ତ କାହିଁ
ଅଲସ୍ୱ ମଲସ୍ୱ କେଶ ମୁକୁଳେଇ
କାଂଦୁଅଛି ଦୁଃଖିନୀ ପୃଥିବୀ
ନାହିଁ ପାଉନ କୂଳ
ବାଟୋଇ ପାଉନ ବାଟ
ଆଖିରେ ଫୁଟୁଚି ସେଇ ଅନଂତ ଦୁଃଖର ଏକ ମାନଚିତ୍ର
ସପତ ବ୍ରହ୍ମାଂଡ ଲୋ କୋଇଲି ।

କୋଇଲି, କି ଗୀତ ଗାଇବି ମୁଁ
ସବୁ ଗୀତ ଶୂନ୍ୟେ ଶୂନ୍ୟେ ଯାଉଛି ମିଳେଇ
ଏମିତି ବେଳ ଆସିବ

Digitized by srujanika@gmail.com

ତୋ ଗୀତ ସୁରପୁର ପୃଥିବୀରୁ ଥମିଯିବ
ଥମିଯିବ ନଈସୁଅ,
ଥମିଯିବ ରୁଠ ପଥର ଉପରେ ସ୍ତବ୍ଧ ଚନ୍ଦ୍ର
ସଂଗୀତ ବ ଗୁଡ଼ିଯିବ ଗଛର ଗହଳ ଗୁଇ ସନ୍ଧକାର ମନ ।

ତୋ ପାଖରେ ଗୋଟିଏ ମାଗୁଣି ଲୋ କୋଇଲି
ତୁ ଆଜ ସକାଳୁ ଦେ ଅସରନ୍ତା ନଈକୂଳ
ପୋଛିଦେବ ମଣିଷ ମନର ଯେତେ ଝଡ଼ ଓ ବତାସ
ତୁ ଜୀବ, ତୁ ଶବ୍ଦ, ତୁ ସ୍ପନ୍ଦ, ତୁ ଝଲକ
ତୁ ପରା ସଂଗୀତର ମନ
ଜୀବନର ଦୁଃଖିତ କୁଂଜରେ ଆଜ
ଉଡ଼ିଆସି ଗାଇଯା ସାଂତ୍ୱନାର ଗୀତ
ସେଇ ମଧୁର ଗୀତରେ ତୋର ଶାଂତ ହେଉ
ଅଂତହୀନ କରୁଣ ମୁହୂର୍ତ୍ତ
ବିଷଧର ସାପ ମନ ଓଦା ହେଉ
ଉଇଁଆସୁ ସକାଳର ନୂଆ ସୂର୍ଯ୍ୟ
ଶାଂବର କରୁଣ ଶାପ ଆଖି ଖୋଲି ଦେଖୁ
ପୃଥିବୀରେ ବିରାଜୁଛି
ପ୍ରୀତି ଆଉ ପ୍ରଗତିର
ନୂଆ ଏକ ସୁଂଦର ବସଂତ । □□□

ମାଁ /ନିଷ୍ପାଦି

Digitized by srujanika@gmail.com